ଜୁନ୍ ୧ - ୭, ୨୦୨୫

ସକାଳ
THE SAKALA

ରବିବାର


# ସିନ୍ଦୁର

- ଉତ୍କଳୀୟ ସଂସ୍କୃତିରେ ‘ଭାର’
- ସାବିତ୍ରୀ ଓ ରଜ ଭାର
- ବାହାଘର ଭାର
- ଦେବ ବିବାହରେ ଭାର
- ପାହୁର୍ ଭାର



# ଭାର



ଓଡ଼ିଶା ଏକ ସଂସ୍କୃତି ସଂପନ୍ନ ରାଜ୍ୟ । ଅନନ୍ୟ ଆମ ରାଜ୍ୟର ସାମାଜିକ ଚଳଣି ଓ ପରମ୍ପରା । ଓଡ଼ିଆ ବିବାହ ସହିତ ଯୋଡ଼ି ହୋଇ ରହିଛି କେତେକ ସାମାଜିକ ପ୍ରଥା । ସେଥିମଧ୍ୟରୁ 'ଭାର' ପ୍ରଥା ଅନ୍ୟତମ । ନିର୍ବନ୍ଧ ସମୟରେ ମଧ୍ୟ ବର ଓ କନ୍ୟା ଘର ପକ୍ଷରୁ ପରସ୍ପରକୁ ଭାର ଦିଆଯାଏ । ସେହିପରି ବିବାହ ପରେ କନ୍ୟା ଘର ପକ୍ଷରୁ ବରଘରକୁ ଭାର ପଠାଇ ଯାଇଥାଏ । ଏହି ଭାରରେ ବିଭିନ୍ନ ପ୍ରକାର ମିଠା, ପିଠା, ଫଳ ଆଦି ଥାଏ । ଭାରରେ ଦିଆଯାଉଥିବା ଜିନିଷକୁ ବନ୍ଧୁବାନ୍ଧବ, ପଡ଼ୋଶୀମାନଙ୍କୁ ବଣ୍ଟନ କରାଯାଇଥାଏ । ଏଭଳି ପରମ୍ପରା ଦ୍ୱାରା ଉଭୟ ପରିବାର ଓ ସାମାଜିକ ସଂପର୍କ ସୁଦୃଢ଼ ହୋଇଥାଏ ବୋଲି ବିଶ୍ୱାସ ରହିଛି । ବର୍ଷ ବର୍ଷ ଧରି ଏହା ଏକ ସାମାଜିକ ପ୍ରଥା ଭାବେ ପ୍ରଚଳିତ । କେବଳ ବିବାହ ସମୟରେ ନୁହେଁ, ବିଭିନ୍ନ ପର୍ବପର୍ବାଣିରେ ବାପଘର ପକ୍ଷରୁ ଝିଅ ଶାଶୂଘରକୁ ଭାର ପଠାଇବାର ପରମ୍ପରା ପ୍ରଚଳିତ ହୋଇଆସୁଛି । ରଜ, ସାବିତ୍ରୀ, ସାଦ, ଲେଉଟାଣି, ପୋଡୁଅାଁ, ଦଶମଙ୍ଗଳା ଭାର, ପୁଆଣୀ ଆଦି ଭାର ପଠା ଯାଇଥାଏ । କେବଳ ମାନବ ସମାଜରେ ଏହି ପ୍ରଥା ପ୍ରଚଳିତ ନୁହେଁ, କେତେକ ଦେବଦେବୀ ପୀଠରେ ମଧ୍ୟ ଏହା ପ୍ରଚଳିତ ହୋଇଆସୁଛି । ପ୍ରଥମାଷ୍ଟମୀରେ ନିଆଳିର ମାଧବାନନ୍ଦଜୀଉଙ୍କ ପୀଠରୁ ଶ୍ରୀଜୀଉଙ୍କ ପାଇଁ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରକୁ ପୋଡୁଅାଁ ଭାର ଯାଇଥାଏ । ସେହିପରି ଭୁବନେଶ୍ୱରରେ ଲିଙ୍ଗରାଜ ମହାପ୍ରଭୁ ମଧ୍ୟ ପୋଡୁଅାଁ ହେବା ପାଇଁ କପାଳି ମଠକୁ ଯାଆନ୍ତି । ସେଭଳି ରାୟଗଡ଼ାର ମା' ମଝିଘରିଆଣୀ ମନ୍ଦିର, ବ୍ରହ୍ମପୁର ମା' ଠାକୁରାଣୀ ଯାତ୍ରା, ଶୀତଳଷଷ୍ଠୀ, ନୂଆଁଖାଇ ଆଦି ବିଭିନ୍ନ ଯାତ୍ରା ଓ ପର୍ବପର୍ବାଣି ସମୟରେ ଭାର ଦେବା ପ୍ରଥା ରହିଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଭାର ପ୍ରଥାକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ପ୍ରତିବେଦନ: **ଭାର**

ପ୍ରସ୍ତୁତି 'ସକାଳ' ବ୍ୟୁରୋ



ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

## କେମିତି କଟିବ ସପ୍ତାହ

**ମେଷ**
ରବିବାରରେ ସମାଜରେ ମାନସମ୍ମାନ ବୃଦ୍ଧି ପାଇବ । ସୋମ, ମଙ୍ଗଳ, ବୁଧବାରରେ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଅନୁଭବୀ ବ୍ୟକ୍ତିଙ୍କ ପରାମର୍ଶ ଲୋଡ଼ିବେ । ଗୁରୁ, ଶୁକ୍ର, ଶନିବାରରେ ବାଦବିବାଦରେ ପଡ଼ିଯାଇପାରନ୍ତି । ନିଜ ବୁଦ୍ଧି ଓ ବିବେକ ଅନୁସାରେ କାର୍ଯ୍ୟ କରି ସଫଳତା ପାଇବେ ।

**ବୃଷ**
ରବି, ସୋମ, ମଙ୍ଗଳବାରରେ ନୂତନ ନିବେଶ ପୂର୍ବରୁ ଅନୁଭବୀ ବ୍ୟକ୍ତିଙ୍କ ପରାମର୍ଶ ନିଅନ୍ତୁ । କର୍ମକ୍ଷେତ୍ରରେ ପ୍ରଶଂସାର ପାତ୍ର ହେବେ । ବୁଧ, ଗୁରୁବାରରେ ପରିବାରଠାରୁ ସହଯୋଗ ନ ପାଇ ଦୁଃଖିତ ହେବେ । ଶୁକ୍ର, ଶନିବାରରେ ବେରୋଜଗାରୀମାନଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ ।

**ମିଥୁନ**
ରବି, ସୋମ, ମଙ୍ଗଳବାରରେ ନିଜ ସ୍ୱାଧୀନତାରେ ବାଧା ସୃଷ୍ଟି ହୋଇପାରେ । ଦୀର୍ଘଦିନର ଆଶା ପୂରଣ ହେବ । ବୁଧ, ଗୁରୁବାରରେ ପରିବାରରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ । ଶୁକ୍ର, ଶନିବାରରେ ବ୍ୟବସାୟରେ ଲାଭବାନ ହେବେ । କଠିନ ପରିଶ୍ରମ କରି ସଫଳତା ପାଇବେ ।

**କର୍କଟ**
ରବି, ସୋମ, ମଙ୍ଗଳବାରରେ କର୍ମକ୍ଷେତ୍ରରେ ଚଳଚଞ୍ଚଳ ରହିବେ । ସମାଜରେ ମାନସମ୍ମାନର ଅଧିକାରୀ ହେବେ । ବୁଧ, ଗୁରୁବାରରେ ବ୍ୟବସାୟରେ ପ୍ରସାର ହୋଇପାରେ । ଶୁକ୍ର, ଶନିବାରରେ ବନ୍ଧୁବାନ୍ଧବଙ୍କ ସହଯୋଗ ପାଇବେ । ଦୂରଯାତ୍ରାର ଯୋଗ ରହିଛି ।

**ସିଂହ**
ରବି, ସୋମ, ମଙ୍ଗଳବାରରେ ଛୋଟ ଛୋଟ କଥାକୁ ନେଇ ଚିନ୍ତାରେ ପଡ଼ିଯାଇ ପାରନ୍ତି । ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରେ । ବୁଧ, ଗୁରୁବାରରେ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ଶୁକ୍ର, ଶନିବାରରେ ସମସ୍ୟାରେ ପଡ଼ିଯାଇ ପାରନ୍ତି ।

**କନ୍ୟା**
ରବି, ସୋମ, ମଙ୍ଗଳବାରରେ ସଫଳତାର ରାସ୍ତା ପାଇବେ । ଅନେକ ଦିନର ଆଶା ପୂରଣ ହେବ । ବୁଧ, ଗୁରୁବାରରେ ଆର୍ଥିକସ୍ଥିତି ସ୍ୱଚ୍ଛଳ ରହିବ । ଶୁକ୍ର, ଶନିବାରରେ କୋର୍ଟକଚେରି ମାମଲାରେ ସଫଳତା ହାସଲ କରିବେ । ଦାମ୍ପତ୍ୟ ଜୀବନରେ ମଧୁରତା ବଢ଼ିବ ।

**ତୁଳା**
ରବି, ସୋମ, ମଙ୍ଗଳବାରରେ ଆଶା କରୁଥିବା ଦିଗରୁ ସୁଫଳ ପାଇବେ । ସମସ୍ୟାର ସମାଧାନ ଘଟିବ । ବୁଧ, ଗୁରୁବାରରେ ଅଧିକ ବିଶ୍ୱାସ କରି ଠକାମିର ଶିକାର ହୋଇପାରନ୍ତି । ଶୁକ୍ର, ଶନିବାରରେ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ଦେଖାଦେବ । ପ୍ରେମ ଓ ଦାମ୍ପତ୍ୟ ସମ୍ପର୍କ ଭଲ ରହିବ ।

**ବିଛା**
ରବି, ସୋମ, ମଙ୍ଗଳବାରରେ ଅତିଥିଙ୍କ ଆଗମନ ହୋଇପାରେ । ପରିବାରରେ ଆନନ୍ଦଉଲ୍ଲାସ ଦେଖାଦେବ । ବୁଧ, ଗୁରୁବାରରେ ବ୍ୟବସାୟରେ ଅଧିକ ପୁଞ୍ଜି ନିବେଶ କରି ଲାଭବାନ ହେବେ । ଶୁକ୍ର, ଶନିବାରରେ ଉଚ୍ଚଆଶା ପୂରଣ ହେବେ । କର୍ମକ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାର ସାମ୍ନା କରିବେ ।

**ଧନୁ**
ରବି, ସୋମ, ମଙ୍ଗଳବାରରେ ମନ ଅସ୍ଥିର ରହିବ । କାର୍ଯ୍ୟରେ ବାଧାବିଘ୍ନ ସୃଷ୍ଟି ହୋଇପାରେ । ବୁଧ, ଗୁରୁବାରରେ ବ୍ୟବସାୟିକ ଆୟବ୍ୟୟ ସମାନ ରହିବ । ଶୁକ୍ର, ଶନିବାରରେ ଗୁରୁଜନଙ୍କ ପରାମର୍ଶ ପାଇ ଆଗକୁ ବଢ଼ିବେ ।

**ମକର**
ରବି, ସୋମ, ମଙ୍ଗଳବାରରେ କ୍ୟାରିୟର୍‌ରେ ଉନ୍ନତି ପରିଲକ୍ଷିତ ହେବେ । ଭୁଲ୍ ବୁଝାମଣା ପାଇଁ ସମ୍ପର୍କରେ ତିକ୍ତତା ଦେଖାଦେବ । ବୁଧ, ଗୁରୁବାରରେ ଅଯଥା ଖର୍ଚ୍ଚରୁ ନିବୃତ୍ତ ରୁହନ୍ତୁ । ଶୁକ୍ର, ଶନିବାରରେ ଉଚ୍ଚଆଶା ପୂରଣ ହୋଇପାରେ । ବିଦେଶ ଯାତ୍ରା ଯୋଗ ରହିଛି ।

**କୁମ୍ଭ**
ରବି, ସୋମ, ମଙ୍ଗଳବାରରେ ମନୋବଳ ଦୃଢ଼ କରି ଆଗକୁ ବଢ଼ିବେ । ବୁଧ, ଗୁରୁବାରରେ ପଡ଼ୋଶୀଙ୍କ ସହ ସମ୍ପର୍କରେ ଭିନ୍ନ ମୋଡ଼ ଦେଖାଦେବ । ଶୁକ୍ର, ଶନିବାରରେ ପରିବାର ସହଯୋଗରେ ଅର୍ଥଚିନ୍ତା ଦୂର ହେବ । ଛାତ୍ରଛାତ୍ରୀମାନେ କ୍ୟାରିୟର୍‌ରେ ଉନ୍ନତି କରିବେ ।

**ମୀନ**
ରବି, ସୋମ, ମଙ୍ଗଳବାରରେ ବିଭିନ୍ନ କ୍ଷେତ୍ରରୁ ସଫଳତା ପାଇବେ । ପରିବାରରେ ଏକତା ବଢ଼ିବ । ବୁଧ, ଗୁରୁବାରରେ ବ୍ୟବସାୟ ବିସ୍ତାର ପାଇଁ ନୂତନ ପଥ ଉନ୍ମୋଚନ ହେବ । ଶୁକ୍ର, ଶନିବାରରେ ସନ୍ତାନସନ୍ତତିଙ୍କୁ ନେଇ ଚିନ୍ତିତ ରହିବେ । ସୁଖ ସନ୍ତୋଷର ଅଧିକାରୀ ହେବେ ।



# ଉତ୍କଳୀୟ ସଂସ୍କୃତିରେ 'ଭାର'



ପଣ୍ଡିତ ଦୈତ୍ୟାରି ମହାପାତ୍ର

ଆମ ସଂସ୍କୃତିରେ 'ଭାର'କୁ ବିଶେଷ ଭାବେ ଗୁରୁତ୍ୱ ଦିଆଯାଇଛି । ଏହା ଉତ୍କଳୀୟ ସଂସ୍କୃତିରେ ଏକ ସର୍ବପ୍ରାଚୀନ ପ୍ରଥା । ଯେଉଁ ପରମ୍ପରା ବଂଶାନୁକ୍ରମିକ ଭାବେ ପ୍ରଚଳନ ହୋଇ ଆସୁଛି । 'ଭାର' ଶବ୍ଦର ଅର୍ଥ ହେଉଛି ରାଶି ସମୂହ, ବୋଝ, ଦାୟିତ୍ୱ, ପରିମାଣ ବିଶେଷ, ନିର୍ଭରତା, ବାହୁଙ୍ଗିର ଦୁଇ ପାର୍ଶ୍ୱରେ ଦୁଇଟି ଝୁଡ଼ି / ବୋଝ ବା ସମାନ ପରିମାଣରେ ଝୁଲା ହୋଇ ବୁହାଯାଉଥିବା ଦ୍ରବ୍ୟ, ଶିକା ବା ବାହୁଙ୍ଗି, ଦୁଇ ଅଙ୍ଗା କରି ବୁହା ଯାଉଥିବା ଏକ ଭାର, ଗୋଟିକିଆ ଦ୍ରବ୍ୟ ପୂର୍ଣ୍ଣ ବୋଝ ଯାହାକୁ ମୁଣ୍ଡରେ ବା ପିଠିରେ ବୁହାଯାଇପାରେ, ବିଶେଷ କରି ଝିଅ ଝିଆରି, ବନ୍ଧୁ ବାନ୍ଧବଙ୍କ ଘରକୁ ଭାର ଦ୍ୱାରା ପଠାଯିବା ଉପଢ଼ୌକନ । ଉତ୍କଳୀୟ ସଂସ୍କୃତିରେ ବିଭିନ୍ନ ପର୍ବପର୍ବାଣି ଏବଂ ଦେବଦେବୀଙ୍କ ପୂଜାରେ ମଧ୍ୟ ବିଧି ଅନୁସାରେ ଭାର ବ୍ୟବହାର କରାଯାଏ ।

## 'ଭାର' ପରମ୍ପରା ପ୍ରଚଳନ

ବହୁ ପ୍ରାଚୀନ କାଳରୁ ଶୁଦ୍ରମାନେ ବିଶେଷ ଭାବେ ଭାର ବୋହିବା ପ୍ରଥା ପ୍ରଚଳିତ ଅଛି । ବ୍ରାହ୍ମଣ ଘରର ଝିଅ ବିଦା ସମୟରେ ଏବଂ ବିଭିନ୍ନ ପର୍ବପର୍ବାଣି ବେଳେ ଯାଦବମାନେ ବ୍ରାହ୍ମଣ ଘରୁ ଭାର ନେଇ ଯାଇଥାନ୍ତି । ସେମାନଙ୍କୁ ବାର୍ଷିକ ବର୍ତ୍ତନୀୟା କୁହାଯାଏ । ଏବେବି ଏହି ପ୍ରଥା ପ୍ରାୟତଃ ଗ୍ରାମାଞ୍ଚଳରେ ଦେଖିବାକୁ ମିଳେ । ମହାପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଉତ୍କଳରେ ବାର ମାସରେ ତେର ପର୍ବ ପାଳନ କରାଯାଇଥାଏ । ପ୍ରତ୍ୟେକ ପର୍ବପର୍ବାଣି ପାରମ୍ପରିକ ବିଧିବିଧାନ ଅନୁସାରେ ପାଳିତ ହୁଏ । ତନ୍ମଧ୍ୟରୁ କେତେକ ପର୍ବପର୍ବାଣି ସମୟରେ ଭାର ବୋହିବା ପ୍ରଥା ପ୍ରଚଳିତ ଅଛି । ଅପରପକ୍ଷରେ ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବାରୁ କୃଷିକୁ ପ୍ରାଥମିକତା ଦିଆଯାଇ ଭାର ପ୍ରଚଳନର ପ୍ରଥା ମଧ୍ୟ ରହିଆସିଛି ।



ଧର୍ମ, ଦର୍ଶନ, ପୁରାଣ, ସଂସ୍କୃତି, ପରମ୍ପରା ଏବଂ ସାମାଜିକ ରୀତିନୀତି ଅନୁସାରେ ପ୍ରାଚୀନ କାଳରୁ ବିଭିନ୍ନ ଭାର ପ୍ରଚଳନ ହୋଇ ଆସୁଛି । ପ୍ରଚଳିତ ଭାରମାନଙ୍କ ମଧ୍ୟରୁ କଳେଇ ଭାର, ବାଲି ଭାର, ଘାସ ଭାର, ଫୁଲ ଭାର, ଫଳପୁଷ୍ପ ଭାର, ମିଠା ଭାର, ପୋଡୁଆଁ ଭାର, ରଜ ଭାର, ଦୂତୀବାହନ ଓଷା ଭାର, ମଣ୍ଡା ପିଠା ଖିଆ ଭାର, ବୋଲବମ୍ ଭାର ବା ଭଗବାନ ଶିବଙ୍କୁ ପାଣି ଭାର, ଜଳାଭିଷେକ ଲାଗି ଭାର, ମାମୁଁ ଭାର, ନୂଆଁଖାଇ ଭାର, ରାଧାଷ୍ଟମୀ ଭାର, ଜନ୍ମାଷ୍ଟମୀ ଭାର, ଷଠି ଉଷା ଭାର, ଶଙ୍ଖାରି ଭାର, ସାପୁଆ କେଳା ଭାର, ମଣ୍ଡାଖିଆ ଅସୁର ଭାର, ସାଲିଆନା ଭାର, ପାହୁର ଭାର, ଅଡ଼ିଆ ଭାର ଇତ୍ୟାଦି । ଆମ ସମାଜରେ ପ୍ରଚଳିତ କେତେକ 'ଭାର' ଯାହା ବିଭିନ୍ନ ସମ୍ପ୍ରଦାୟ ଏବଂ ମାନବୀୟ ଜନଜୀବନରେ ଦେଖିବାକୁ ମିଳେ ।

## ମିଠା ଭାର

ମିଠା ଏକ ସ୍ୱାଦିଷ୍ଟ ଦ୍ରବ୍ୟ। ଏହାକୁ ମିଷ୍ଟାନ୍ନ ବୋଲି କୁହାଯାଏ। ମିଠା ଦ୍ୱାରା ବନ୍ଧୁ ରକ୍ଷା କରାଯାଏ, ବନ୍ଧୁ ବାନ୍ଧବଙ୍କୁ ସନ୍ତୁଷ୍ଟ କରାଯାଏ, ସମ୍ପର୍କ ତିଆରି କରାଯାଏ। ସେଥିପାଇଁ କୌଣସି ବନ୍ଧୁ ବାନ୍ଧବଙ୍କ ଘରକୁ ଗଲାବେଳେ ସାଙ୍ଗରେ ମିଠା ନେଇ ଯାଇଥାନ୍ତି। ସେଭଳି ବିବାହ ପରେ ଘରୁ ଝିଅ ବିଦା ସମୟରେ ଯଥା ଶକ୍ତି ଅନୁସାରେ ଭାର ଭାର ମିଠା ଦିଆଯାଏ। ଆହୁରି ମଧ୍ୟ ଝିଅର ଆତ୍ମା ଶାନ୍ତି ନିମନ୍ତେ ଅନ୍ତସତ୍ତ୍ୱାର ନବମ ମାସରେ ଭାର ଦ୍ୱାରା ମିଠା ଦିଆଯାଏ। ଏହାକୁ 'ମିଠା ଭାର' କୁହାଯାଏ। ଯେକୌଣସି ଶୁଭ କାର୍ଯ୍ୟ ଅବସରରେ ମଧ୍ୟ ମିଠା ଭାର ଯାଇଥାଏ।





## ମଣ୍ଡାପିଠା ଖିଆ ଭାର

ଦ୍ୱାପର ଯୁଗର କଥା। ପାଣ୍ଡବ ପାଞ୍ଚ ଭାଇ ତାଙ୍କ ମାଆ କୁନ୍ତୀଙ୍କ ସହିତ ବନବାସ ସମୟରେ ଜଙ୍ଗଲରେ ରହୁଥିଲେ। ସେ ଜଙ୍ଗଲରେ ଅସୁରଟିଏ ରହିଥିଲା। ସେ ରାତିରେ ଗାଁ ଭିତରକୁ ପଶିଆସି ନିରୀହ ଲୋକମାନଙ୍କୁ ମାରି ଖାଉଥିଲା। ରାତିହେଲେ ତା ଭୟରେ ଗ୍ରାମବାସୀମାନେ କବାଟ ଝରକା ବନ୍ଦ କରି ରହୁଥିଲେ। ଦିନେ ଗାଁର ଲୋକମାନେ ସଭା କଲେ। ସଭାରେ ବିଚାର ବିମର୍ଷ କରି ମେଳି ବାନ୍ଧି ଯାଇ ଅସୁରକୁ କହିଲେ, ଆମେମାନେ ମେଳା କରି ପ୍ରତିଦିନ ତୁମ ପାଖକୁ ଭାର ଦ୍ୱାରା ମଣ୍ଡା ପିଠା ସଂଗ୍ରହ କରି ଶଗଡ଼େ ଲେଖାଏଁ ପିଠା ପଠାଇବୁ। ତୁମେ ଗାଁରେ ପଶି ଆମକୁ ଆଉ ହଇରାଣ କରିବ ନାହିଁ।

ଅସୁର ଲୋକମାନଙ୍କ କଥାରେ ରାଜି ହୋଇଗଲା। ଲୋକମାନେ ପାଳିକରି ଭାର ଦ୍ୱାରା ପିଠା ସଂଗ୍ରହ କରି ପ୍ରତିଦିନ ଶଗଡ଼ରେ ମଣ୍ଡାପିଠା ପଠାଇଲେ। ଏହାକୁ 'ମଣ୍ଡାପିଠା ଭାର' କୁହାଯାଏ। ଅସୁର ଶଗଡ଼ଯାକ ମଣ୍ଡାପିଠା ସହିତ ମଣ୍ଡା ନେଉଥିବା ଲୋକକୁ ମଧ୍ୟ ଖାଇଦେଉଥିଲା। ଦିନେ ଜଣେ ଗରିବ ବୁଢ଼ୀର ପାଳି ପଡ଼ିଲା। ତାର ଗୋଟିଏ ବୋଲି ପୁଅ। ପୁଅ ପିଠା ଭାର ନେଇ ଜଙ୍ଗଲକୁ ଗଲେ ଅସୁର ତାକୁ ଖାଇଦେବ। ଏହିକଥା ଭାବି ବୁଢ଼ୀ ମନ ଦୁଃଖରେ କାନ୍ଦିବାକୁ ଲାଗିଲା। ସେହି ଗାଁରେ ପାଣ୍ଡବ ପାଞ୍ଚ ଭାଇ ରହୁଥିଲେ। ବୁଢ଼ୀର କାନ୍ଦ ଶୁଣି ଭୀମ କହିଲେ, ମାଆ, ତୁମେ ମନ ଦୁଃଖ କର ନାହିଁ। ତୁମ ପୁଅ ବଦଳରେ ମୁଁ ମଣ୍ଡାପିଠା ଶଗଡ଼ ଭାର ନେଇ ଅସୁର ପାଖକୁ ଯିବି।

ତା' ପରଦିନ ଶଗଡ଼ରେ ଭାର କରି ପିଠା ଲଦି ଭୀମ ଜଙ୍ଗଲକୁ ଗଲେ। ସେ ବାଟଯାକ ଗୋଟିଏ ଗୋଟିଏ କରି ମଣ୍ଡା ପିଠା ଖାଇବାକୁ ଲାଗିଲେ। ଭୀମ ତ ବଡ଼ଖିଆ। ଏମିତି ଖାଉ ଖାଉ ସବୁ ପିଠା ଖାଇଦେଲେ। ଶଗଡ଼ରେ ମଣ୍ଡା ପିଠା ନ ଥିବାର ଦେଖି ଅସୁର ରାଗିଗଲା। ଦାନ୍ତ କଡ଼ମଡ଼ କରି ଭୀମକୁ ଖାଇବା ପାଇଁ ମାଡ଼ି ଆସିଲା। ଭୀମ ତ ସହଜେ ପବନ ପୁତ୍ର । ସେ ଅସୁରକୁ ଡରିଲେ ନାହିଁ। ଅସୁର ସହ ଲଢ଼େଇ କରି ତାକୁ ମାରିଦେଲେ। ଅସୁରକୁ ମାରି ଦେବାରୁ ଗାଁ ଲୋକେ ଭୀମକୁ ବହୁତ ଆଦର କଲେ। ମହାବଳଶାଳୀ ପବନ ପୁତ୍ର ଭୀମ ଗାଁ ଲୋକମାନଙ୍କୁ କହିଲେ, ତୁମେମାନେ ଆଜିଠାରୁ ପ୍ରତିବର୍ଷ ଏହି ଦିନରେ ପରସ୍ପର ମଧ୍ୟରେ ଭାର କରି ନିଜ ନିଜ ଘରୁ ମଣ୍ଡା ପିଠା ଓ ମିଠା ଆଣି ଆନନ୍ଦରେ ଖାଇବ ଏବଂ ଏହି ଦିନ ଖୁସି ମନାଇବ। ଗାଁ ଲୋକମାନେ ଆନନ୍ଦରେ ନାଚିବାକୁ ଲାଗିଲେ। ସେହି ଦିନଠାରୁ ଆମ ସମାଜରେ 'ମଣ୍ଡା ପିଠା ଭାର' ପ୍ରଚଳିତ ହେଲା।





## ଦୂତୀବାହନ ଭାର

ଶ୍ୱଶୁର ଘରେ ବୋହୂମାନେ ସ୍ୱାମୀ, ସନ୍ତାନର ଦୀର୍ଘାୟୁ ନିମନ୍ତେ ଦୁଇ ଦିନଧରି ନିର୍ଜଳା ଉପବାସ କରି ନିଷ୍ଠା ଓ ଏକାଗ୍ରତାର ସହିତ ଦୂତୀବାହନ ଓଷା ପାଳନ କରିଥାନ୍ତି। ଦୁଇ ଦିନଯାକ ମାଆ ଦୂତୀବାହନଙ୍କୁ ପୂଜା କରିବା ସହିତ ପୂଜା ଶେଷରେ ବାପଘରୁ ଭାର ଦ୍ୱାରା ଅଣାଯାଇଥିବା ପନିପରିବାକୁ ରାନ୍ଧି ଭୋଗ ଲାଗି କରାଇ ପରିବାରର ସମସ୍ତେ ଏକତ୍ର ହୋଇ ଭୋଜନ କରିଥାନ୍ତି। ବାପଘରୁ ଅଣାଯାଇଥିବା ଏହି ଭାରକୁ 'ଦୂତୀବାହନ ଭାର' କୁହାଯାଏ। ଏହି ଭାରରେ ଥାଏ ବିଭିନ୍ନ ପରିବା, ଝିଅ ପାଇଁ ବସ୍ତ୍ର, ମିଠା ଇତ୍ୟାଦି।





## ରାଧାଷ୍ଟମୀ ଭାର


ପବିତ୍ର ରାଧାଷ୍ଟମୀ, ଶ୍ରୀରାଧାଙ୍କ ଜନ୍ମ। ଭାଦ୍ରବ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ଦିନ ଦୁର୍ଗାଷ୍ଟମୀ ବ୍ରତ ପାଳନ କରାଯାଏ। ଭଗବାନ୍ ଶ୍ରୀକୃଷ୍ଣଙ୍କର ଦକ୍ଷିଣ ଅଂଶରୁ ଶ୍ରୀରାଧାଙ୍କର ଉତ୍ପତ୍ତି ବୋଲି କିମ୍ବଦନ୍ତୀ ଅଛି। ରାଧାଷ୍ଟମୀ ବୈଷ୍ଣବମାନଙ୍କ ମଧ୍ୟରେ ବିଶେଷ ଭାବରେ ପ୍ରଚଳିତ। ଏଥିରେ ରାଧାଙ୍କର ଜନ୍ମ ବୃତ୍ତାନ୍ତ ବ୍ୟତୀତ ଏକ ବ୍ରତ କଥା ପାଠ କରଯାଇଥାଏ। ଶ୍ରୀକୃଷ୍ଣଙ୍କର କରୁଣା ଲାଭ ପାଇଁ ଶ୍ରୀରାଧାଙ୍କ ଜନ୍ମଦିନକୁ ଶ୍ରୀରାଧାଷ୍ଟମୀ ଭାବରେ ପାଳନ କରାଯାଏ। ଓଡ଼ିଶାରେ ଶ୍ରୀମନ୍ଦିର ଓ ସାକ୍ଷୀଗୋପାଳ ମନ୍ଦିରରେ ଏହି ନୀତି ଯଥାବିଧି ପାଳନ କରାଯାଏ। ଘରେ ଘରେ ସଧବା ନାରୀମାନେ ସନ୍ତାନ, ସ୍ୱାମୀ ଏବଂ ପରିବାରର ଶ୍ରୀବୃଦ୍ଧି ଓ ମଙ୍ଗଳ ପାଇଁ ଏହି ବ୍ରତ ନିଷ୍ଠାର ସହିତ ପାଳନ କରିଥାନ୍ତି। ପରେ ପରେ ପିଠା, ପଣା, ମିଠା, କ୍ଷୀରି ଆଦି ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ ହୋଇଥାଏ। ଏହି ଅବସରରେ ବାପା ଘରୁ ଝିଅ ଘରକୁ ଯଥା ଶକ୍ତି ଅନୁସାରେ ଭାର ଆସିଥାଏ। ଏହାକୁ 'ରାଧାଷ୍ଟମୀ ଭାର' କୁହାଯାଏ।





## ଜନ୍ମାଷ୍ଟମୀ ଭାର

ଭାଦ୍ରବ ମାସ କୃଷ୍ଣ ପକ୍ଷ ଅଷ୍ଟମୀ ଦିନ ହେଉଛି ପବିତ୍ର ଜନ୍ମାଷ୍ଟମୀ । ଏହି ଦିନରେ ଭଗବାନ ଶ୍ରୀକୃଷ୍ଣ ଧରାପୃଷ୍ଠକୁ ଅବତରଣ କରିଥିଲେ। ଦେବକୀ ଓ ବସୁଦେବଙ୍କ ଅଷ୍ଟମ ସନ୍ତାନ ଭାବେ ମହାରାଜା କଂସଙ୍କ କାରାଗାରରେ ଜନ୍ମ ନେଇଥିଲେ ଭଗବାନ ଶ୍ରୀକୃଷ୍ଣ । ପୃଥିବୀ ପୃଷ୍ଠରୁ ପାପର ଭାର କମାଇବା ପାଇଁ ଏବଂ ସାଧୁସନ୍ଥଙ୍କ ରକ୍ଷା ପାଇଁ ଭଗବାନ ବିଷ୍ଣୁ ଧାରଣ କରିଥିଲେ କୃଷ୍ଣ ଅବତାର। କୃଷ୍ଣଙ୍କ ଜନ୍ମ ଦିବସକୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ବୋଲି କୁହାଯାଏ। ଭଗବାନ ଶ୍ରୀକୃଷ୍ଣଙ୍କ ପବିତ୍ର ଜନ୍ମତିଥିକୁ 'ଜନ୍ମାଷ୍ଟମୀ'ବା 'ବ୍ରତରାଜ' ବୋଲି କୁହାଯାଏ। ବିଶ୍ୱାସ ରହିଛି, ଏହି ଗୋଟିଏ ଦିନ ବ୍ରତ ରଖିବା ଦ୍ୱାରା ହିଁ ଅନେକ ଓଷା ଉପବାସର ଫଳ ମିଳିଥାଏ । ଏହାଦ୍ୱାରା ସମସ୍ତ ମନସ୍କାମନା ପୂରଣ ହୋଇଥାଏ। ଅପୁତ୍ରି ପୁତ୍ରବତୀ ହୁଏ। ସ୍ୱାମୀ ନିରୋଗ ଏବଂ ଦୀର୍ଘାୟୁ ହୁଏ। ପରିବାରର ସମସ୍ତ ପ୍ରକାର ଶୁଭ ହୋଇଥାଏ। ଏହିଦିନ ବାପଘରୁ ଝିଅ ଘରକୁ ଯଥା ଶକ୍ତି ଅନୁସାରେ ଭାର ଆସିଥାଏ। ତାହାକୁ 'ଜନ୍ମାଷ୍ଟମୀ ଭାର' କୁହାଯାଏ। ଏହି ଭାରରେ ଥାଏ କାକୁଡ଼ି, ନଡ଼ିଆ, କଦଳୀ, ବିଭିନ୍ନ ପ୍ରକାର ଫଳ ଓ ମିଠା ଇତ୍ୟାଦି।







## ମୁଆଁ ଭାର

ଆମ ସଂସ୍କୃତିରେ ପୌଷ ମାସର ପ୍ରଥମ ଦିନକୁ ଧନୁ ସଂକ୍ରାନ୍ତି ନାମରେ ପାଳନ କରାଯାଏ। ଏହା ପ୍ରାୟତଃ ଡିସେମ୍ବର ମାସର ୧୪ / ୧୫ ତାରିଖରେ ପଡ଼େ । ଏହି ଦିବସଠାରୁ ପୁରୀ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ପହିଲି ଭୋଗ ଆରମ୍ଭ ହୋଇ ଉତ୍ତରାୟଣ ସଂକ୍ରାନ୍ତି ବା ମକର ସଂକ୍ରାନ୍ତି ଅର୍ଥାତ୍ ପ୍ରାୟତଃ ଜାନୁଆରୀ ୧୪ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥାଏ। ଏହି ଅବସରରେ ପ୍ରଭାତୀ କୀର୍ତ୍ତନ ବନ୍ଦ ରହେ । ପୌଷ ମାସର ପବିତ୍ରତା ଯୋଗୁଁ ମହାପ୍ରଭୁଙ୍କ ପୁଷ୍ୟାଭିଷେକ ଅନୁଷ୍ଠିତ ହୁଏ । ଏହି ସଂକ୍ରାନ୍ତିର ଅନ୍ୟ ନାମ ମହୋଦରୀ ସଂକ୍ରାନ୍ତି । ଏ ମାସର ସଂକ୍ରାନ୍ତି ପୁରୁଷ ପଶୁ ଜାତି, ପୌଢ଼ା ବୟସ, ରକ୍ତବସ୍ତ୍ର ପରିଧାନ କରି ଗୋରଚନା ଲେପନ ଓ ବେଲପତ୍ର ଭୂଷିତ ହୋଇ ଦୁର୍ମୁଖାବସ୍ଥାରେ ସୀସା ଆସି, ପୂର୍ବ ଦିଗକୁ ଦୃଷ୍ଟି ଦେଇ ଦକ୍ଷିଣ ଦିଗକୁ ଗମନ କରିଥାଆନ୍ତି । ପୁଷ ମାସରେ ଧାନ ଅମଳ ପରେ 'ଉଖୁଡ଼ା' ବା 'ମୁଆଁ'ର ପ୍ରସ୍ତୁତି ଓଡ଼ିଆ ଚଳଣିର ଏକ ବିଶେଷତ୍ୱ ରହିଛି । ଧନୁ ସଂକ୍ରାନ୍ତିରେ ବିଶେଷ ଭାବେ ମୁଆଁ ଭୋଗ ପ୍ରସିଦ୍ଧ। ଧନୁ ସଂକ୍ରାନ୍ତି ଦିନ ମୁଆଁକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଭୋଗ ଲଗାଯିବା ସହିତ ସର୍ବ ଦେବଦେବୀଙ୍କ ନିକଟରେ ଭୋଗ ଲାଗି କରାଯାଏ। ମୁଆଁ ସହିତ କଳା ଧଳା ରଙ୍ଗର ଖଜା ଏବଂ ବିଭିନ୍ନ ପ୍ରକାର ପିଠାପଣା, ଫଳମୂଳ, ମିଠା ଆଦି ଦିଅଁ ଦେବତାଙ୍କ ନିକଟରେ ଲାଗି କରାଯାଏ। ପରିବାରର ସର୍ବାରିଷ୍ଟ ଖଣ୍ଡନ ପାଇଁ ସମସ୍ତଙ୍କ ନାମରେ ବାଲ୍ମୀକ ରୂପୀ ମୁନି ଋଷିଙ୍କ କ୍ଷେତ୍ର ବା ପରିସରରେ ମାଟି ଖଣ୍ଡ (ଶୁଳା) ବିଧି ପୂର୍ବକ ଅର୍ପଣ କରାଯାଏ। ଘରେ ଘରେ ମକର ଚାଉଳ ସାଙ୍ଗକୁ ପିଠାପଣା ଆଦି ଦିବ୍ୟ ବ୍ୟଞ୍ଜନ ପ୍ରସ୍ତୁତ ହୋଇଥାଏ। ଅତୀତର ସମସ୍ତ ମାନ ଅପମାନ ଭୁଲି ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଥାଏ।

ମାଆ ଲକ୍ଷ୍ମୀ ଠାକୁରାଣୀ ଏହିଭଳି ପବିତ୍ର ଦିନରେ ଧନୁ ମୁଆଁ ଭାର ନେଇ ତାଙ୍କ ବାପାଙ୍କ ଘରକୁ ଯାଇଥାନ୍ତି। କିଛିଦିନ ସେଠାରେ ରହି ମକର ସଂକ୍ରାନ୍ତି ଦିନ ଭାରଥୁର ଧରି ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି ଏବଂ ନୂଆ ଚାଉଳର ମକର କରି ଠାକୁରଙ୍କ ପାଇଁ ଭୋଗ ଲାଗି କରିଥାଆନ୍ତି। ଏହି କିମ୍ବଦନ୍ତୀକୁ ପ୍ରାଧାନ୍ୟ ଦେଇ ଏହିଦିନ ବାପ ଘରୁ ଝିଅ ଘରକୁ ଖଜା, ମୁଆଁ, ମିଠା, ଫଳ, ନୂତନ ବସ୍ତ୍ର ଆଦି ଭାର ଆସିଥାଏ। ଏହାକୁ 'ମୁଆଁ ଭାର' ବା 'ଧନୁ ଭାର' କୁହାଯାଏ। ନାରୀମାନେ ଏହି ବ୍ରତ ପାଳନ କଲେ ସନ୍ତାନ ଏବଂ ପରିବାରର ସର୍ବବିଧ ମଙ୍ଗଳ ହେବା ସହିତ ସ୍ୱାମୀର ସମସ୍ତ ପ୍ରକାର ଶୁଭ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।



## ମାଜଣା ଭାର

ପ୍ରାଚୀ ଉପତ୍ୟକା ନିକଟସ୍ଥ ମାଧବ ଗ୍ରାମରେ ଦୁର୍ଗାମାଧବଙ୍କ ଜନ୍ମ ଉତ୍ସବ ମାଘ ମାସ ଏକାଦଶୀ ବା ଭୈମ୍ୟ ଏକାଦଶୀ ତିଥିରେ ପାରମ୍ପରିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଥାଏ। ମାଧବ ଗ୍ରାମର ଦୁର୍ଗା ମାଧବ ହେଉଛନ୍ତି ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ମାମୁଁ। ସେହି ଅନୁସାରେ ପ୍ରତିବର୍ଷ ପ୍ରଥମାଷ୍ଟମୀ ତିଥିରେ ଆମ ଓଡ଼ିଆ ପରମ୍ପରା ଅନୁସାରେ ମାଧବ ମନ୍ଦିରରୁ ପୁରୀ ଶ୍ରୀକ୍ଷେତ୍ରକୁ ଭାର ପଠାଯାଇଥାଏ । ଏହି ଭାରରେ ଥାଏ ନବ ପାଟବସ୍ତ୍ର,ଫୁଲ, ତୁଳସୀ, ଫଳମୂଳ ପଠା ଇତ୍ୟାଦି। ସେହିପରି ମାମୁଁ ଦୁର୍ଗା - ମାଧବଙ୍କ ଜନ୍ମ ଉତ୍ସବ ପାଇଁ ପୁରୀ ଶ୍ରୀକ୍ଷେତ୍ରରୁ ମାଧବ ମନ୍ଦିରକୁ ମଧ୍ୟ ପରମ୍ପରା ଅନୁସାରେ ଭାର ଆସିଥାଏ। ତାହାକୁ 'ମାଜଣା ଭାର' କୁହାଯାଏ । ଶ୍ରୀଜଗନ୍ନାଥଙ୍କ ବିଶ୍ୱାବସୁ ସେବକଙ୍କ ନେତୃତ୍ୱରେ ମାଜଣା ଭାର ଆସିଥାଏ। ମନ୍ଦିର ଟ୍ରଷ୍ଟି, ସେବକ ଏବଂ ଭକ୍ତମାନଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ମାଧବ ମନ୍ଦିରକୁ ଭକ୍ତି ଭାବର ସହିତ ଘଣ୍ଟ ଘଣ୍ଟାର ତାଳେ ତାଳେ ପାଛୋଟି ନିଆଯାଇଥାଏ। ଶ୍ରୀଜଗନ୍ନାଥଙ୍କ ସେବକମାନେ ଦୁର୍ଗାମାଧବଙ୍କ ପାଇଁ ବାସୁଙ୍ଗା ପାଟ ବସ୍ତ୍ର, ତୁଳସୀ, ଫୁଲ, ଫଳ, କସ୍ତୁରୀ, ଚନ୍ଦନ ଓ ମହାପ୍ରସାଦ ପ୍ରଭୃତି ଆଣି ଉକ୍ତ ଭାରରେ ଆଣିଥାନ୍ତି। ସମସ୍ତ ସାମଗ୍ରୀକୁ ମାଧବ ମନ୍ଦିର ପ୍ରଶାସନକୁ ପ୍ରଦାନ କରାଯିବା ପରେ ଦୁର୍ଗାମାଧବଙ୍କ ମାଜଣା ନୀତି ଅନୁଷ୍ଠିତ ହୋଇଥାଏ। ଏହି ଜନ୍ମ ଉତ୍ସବ ଦିନ ପ୍ରଭୁ ଶ୍ରୀଦୁର୍ଗାମାଧବ ଭକ୍ତମାନଙ୍କୁ ସୁନା ବେଶରେ ଦର୍ଶନ ଦେଇଥାନ୍ତି। ଏହି ଅବସରରେ ଲକ୍ଷ ଲକ୍ଷ ଭକ୍ତମାନଙ୍କ ସମାଗମରେ ସମଗ୍ର ପ୍ରାଚୀ ଉପତ୍ୟକା ଉତ୍ସବମୁଖର ହୋଇ ଉଠିଥାଏ।



## ସାବିତ୍ରୀ ଭାର

ସାବିତ୍ରୀ ଦିନ ସଧବା ମହିଳାମାନେ ବଟ ବୃକ୍ଷ ବା ବରଗଛକୁ ପୂଜା କରି ଅଖଣ୍ଡ ସୌଭାଗ୍ୟ ପ୍ରାପ୍ତ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି। ସଧବା ନାରୀମାନଙ୍କ ବିଶ୍ୱାସର ବ୍ରତ ହେଉଛି ସାବିତ୍ରୀ ବ୍ରତ । ପୌରାଣିକ ଉପାଖ୍ୟାନରେ ବର୍ଣ୍ଣିତ ଦେବୀ ଭଗବତୀ ଯିଏ ସମସ୍ତଙ୍କର ମା' ଆରାଧ୍ୟା ଦେବୀ, ସେ ସତୀ, ସେ ପାର୍ବତୀ, ସେ ସାବିତ୍ରୀ ବୋଲି ବିଶ୍ୱାସ କରାଯାଏ । କଳି ଯୁଗରେ ମା' ମାନବୀୟ ଲୀଳାର ପ୍ରତୀକ ଭାବରେ ଦେବ ଦେବ ମହାଦେବଙ୍କ ଶୁଭ ମନାସି ସେ ନିଜେ ପାଳନ୍ତି ସାବିତ୍ରୀ ବ୍ରତ । କେଉଁ ପ୍ରାଚୀନ କାଳରୁ ପ୍ରଚଳିତ ଏହି ନୀତିକାନ୍ତି ଓଡ଼ିଶାର ସମସ୍ତ ଶକ୍ତିପୀଠଠାରୁ ଅନନ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ପିତ୍ରାଳୟ ଦକ୍ଷପ୍ରଜାପତିଙ୍କ ମନ୍ଦିରରୁ ବିଧି ଅନୁସାରେ ନିଆଯାଇଥାଏ 'ସାବିତ୍ରୀ ଭାର' । ନୂଆ ଶାଢ଼ି, ଚୁଡ଼ି, ଅଳତା, ସିନ୍ଦୂର, କଜ୍ଜ୍ୱଳ, ପାନିଆ, ଦର୍ପଣ ସହ ମୁଗ, ଆମ୍ବ, ପଣସ, ନଡ଼ିଆ, ତାଳ ଖଜୁର ଇତ୍ୟାଦି ଫଳ ମୂଳ ପ୍ରଦାନ କରାଯାଏ । ପାଳିଆ ମାଳି ମଧ୍ୟାହ୍ନରେ ମା'ଙ୍କୁ ନୂଆ ଶାଢ଼ିରେ ବେଶ କରାଇ ସିନ୍ଦୂର, କଜ୍ଜ୍ୱଳ ଓ ଚୁଡ଼ି ଆଦି ସମର୍ପଣ କରି ସୁନ୍ଦର ଭାବରେ ବେଶ କରାଇଥାନ୍ତି । ପରିଚ୍ଛା ସାଆନ୍ତେ ଆଳତି ବନ୍ଦାପନା ପରେ ଶଙ୍ଖୁଡ଼ି ଧୂପ ଲାଗି କରିଥାଆନ୍ତି । ଘଣ୍ଟ ଘଣ୍ଟା, କାହାଳୀ ବାଦ୍ୟ ହୁଳହୁଳି ଧ୍ୱନୀରେ ମନ୍ଦିର ବେଢ଼ା ଉଚ୍ଛୁଳି ପଡ଼ିଥାଏ । ପରେ ସ୍ୱର୍ସାଧାରଣ ଦର୍ଶନ ପାଇଁ ସାହାଣମେଲା ହୋଇଥାଏ । ଓଡ଼ିଶାର ଏହି ପ୍ରସିଦ୍ଧ ସାବିତ୍ରୀ ବ୍ରତ କେବଳ ଓଡ଼ିଆଣୀ ମା' ଭଉଣୀମାନେ ପାଳନ କରୁଥିବା ବେଳେ ବାଣପୁରର ଆରାଧ୍ୟା ଦେବୀ ଭଗବତୀ ମଧ୍ୟ ଏହି ବ୍ରତ ଓଷା ପାଳୁଥିବାର ପରମ୍ପରା ପ୍ରାଚୀନ କାଳରୁ ଚଳି ଆସୁଛି ।

## ଅଣସର ଫଳ ଭାର



ପ୍ରାଚୀ ନଦୀ ତଟ ନିକଟସ୍ଥ ଋଷି ବିଶ୍ୱାମିତ୍ର ମଠରୁ ଶ୍ରୀକ୍ଷେତ୍ରକୁ ଫଳଭାର ପଠାଯାଇଥାଏ। ସ୍ନାନପୂର୍ଣ୍ଣିମା ପରଠାରୁ ଶ୍ରୀଜୀଉମାନେ ଜ୍ୱରରେ ପୀଡ଼ିତ ହୋଇ ଶ୍ରୀମନ୍ଦିର ଅଣସର ପିଣ୍ଡିରେ ଉପଚାରରେ ଥାଆନ୍ତି । ଖବର ପାଇ ମହାପ୍ରଭୁଙ୍କ ଜ୍ୱର ଉପଚାର ପାଇଁ ପ୍ରାଚୀତଟ ଋଷି ବିଶ୍ୱାମିତ୍ର ମଠରୁ ଭକ୍ତମାନେ ସ୍ୱାଦିଷ୍ଟ 'ଫଳ ଭାର' ଧରି ଶ୍ରୀକ୍ଷେତ୍ରରେ ପହଞ୍ଚିଥାନ୍ତି। ଶ୍ରୀକ୍ଷେତ୍ର ହାତୀଆଖଡ଼ା ମଠ ହେଉଛି ଋଷି ବିଶ୍ୱାମିତ୍ର ମଠର ମୂଳମଠ। ଭକ୍ତମାନେ ସେହି ମଠର ମହନ୍ତ ମହାରାଜଙ୍କୁ ସାଥିରେ ନେଇ ଶ୍ରୀମନ୍ଦିର ଯାଇଥାନ୍ତି । ଋଷି ବିଶ୍ୱାମିତ୍ର ମଠ ପରିଚାଳକଙ୍କ ନେତୃତ୍ୱରେ ଘଣ୍ଟ ଘଣ୍ଟାର ତାଳେ ତାଳେ ଅଣସର ଫଳସମ୍ଭାର ଭାରୁଆ ଓ ସଂକୀର୍ତ୍ତନମଣ୍ଡଳୀଙ୍କୁ ସାଥିରେ ଧରି ଯାଇଥାନ୍ତି । ଶ୍ରୀମନ୍ଦିର ନୃସିଂହ ଛକ ଘରେ ସମସ୍ତ ଅମୁଣିଆ ଫଳଭାର ବିଧି ବିଧାନ ସହ ଦାଖଲ କରି ଚତୁର୍ଦ୍ଧାମୂର୍ତ୍ତିଙ୍କ ପଟ୍ଟଦିଅଁଙ୍କୁ ଦର୍ଶନ ସାରି ଭକ୍ତମାନେ ଫେରିଆସିବାର ପ୍ରଥା ରହିଛି। ଅଖଣ୍ଡ କଳିଙ୍ଗର ମହାରାଜା ଯଯାତି କେଶରୀ ଆଦିଶଙ୍କରଙ୍କ ମାର୍ଗଦର୍ଶନରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପ୍ରଥମ ନବକଳେବର କରାଇ ଶ୍ରୀମନ୍ଦିରର ସମସ୍ତ ପର୍ବପର୍ବାଣି, ଯାନିଯାତ୍ରା, ପୂଜାବିଧି ପୁନଃ ପ୍ରଚଳନ କରିଥିଲେ। ସେ ମଧ୍ୟ ପ୍ରାଚୀ ନଦୀ ତଟର ମଠ, ମନ୍ଦିର, ଦେବସ୍ଥଳୀର ବିକାଶ ଘଟାଇ ଶ୍ରୀମନ୍ଦିର ସହ ଯୋଡ଼ିଥିଲେ। ବାରମ୍ବାର ବିଧର୍ମୀଙ୍କ ଦ୍ୱାରା ଶ୍ରୀମନ୍ଦିର ଆକ୍ରମଣ ହେବାରୁ ଅନେକ ଦୁର୍ଲ୍ଲଭ ସେବା ବନ୍ଦ ହୋଇଯାଇଥିଲା। ୧୯୯୨ ମସିହା ପରଠାରୁ ଏହି ପ୍ରଥା ପୁନଃ ନିୟମିତ ପ୍ରଚଳିତ ହୋଇ ଆସୁଛି।

## ମାମୁଁ ଭାର

ଆମ ସମାଜରେ 'ମାମୁଁ ଭାର'କୁ ବିଶେଷ ଭାବେ ପ୍ରାଧାନ୍ୟ ଦିଆଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚଳିତ ପରମ୍ପରା ଅନୁସାରେ ଏହି 'ମାମୁଁ ଭାର' ପ୍ରଥା ପ୍ରଚଳିତ ବୋଲି ବିଶ୍ୱାସ କରାଯାଏ। ମହାପ୍ରଭୁଙ୍କ ଖଣ୍ଡୁଆ ପାଟଠାରୁ ଆରମ୍ଭ କରି ପିଠା ପାଇଁ ବିରି, ନଡ଼ିଆ, ଗୁଡ଼, ଛେନା, କଦଳୀ ସହିତ ବିଭିନ୍ନ ପ୍ରକାର ଫୁଲ ଫଳ ମାମୁଁଘରୁ ବିଧି ପୂର୍ବକ 'ମାମୁଁ ଭାର'ରେ ଆସିଥାଏ। ବଡ଼ ଠାକୁର ପହୁଆଁ ହେବେ। ସେଥିପାଇଁ କଟକ ଜିଲ୍ଲା ଅନ୍ତର୍ଗତ ନିଆଳିର ମାମୁଘର ଶ୍ରୀମାଧବାନନ୍ଦ ଜୀଉ ମନ୍ଦିରରୁ ଶ୍ରୀକ୍ଷେତ୍ର ପୁରୀକୁ ଯଥା ରୀତି ନୀତି ଅନୁସାରେ ମାମୁଁ ଭାର ଆସିଥାଏ। ଭଗବାନଙ୍କ ଠାରୁ ଆରମ୍ଭ କରି ସାଧାରଣ ମାନବସମାଜ ପର୍ଯ୍ୟନ୍ତ ବହୁ ପ୍ରାଚୀନ କାଳରୁ ଏହି ମାମୁଁ ଭାର ପ୍ରଥା ପ୍ରଚଳିତ ହୋଇଆସୁଛି।







## ସାଲିଆନା ଭାର



ବରଗଡ଼ ଗନ୍ଧମାର୍ଦ୍ଦନ ପାହାଡ଼ର ପାଦଦେଶରେ ପ୍ରସିଦ୍ଧ ଶ୍ରୀଶ୍ରୀ ନୃସିଂହନାଥ ମନ୍ଦିରରେ ପାରମ୍ପରିକ ବିଧି ଅନୁସାରେ ପହଞ୍ଚୁଥିବା ନୂଆଁଖାଇ ଭାର ବାସ୍ତବରେ ଅବିସ୍ମରଣୀୟ। ବରଗଡ଼ ଜିଲ୍ଲା ଅନ୍ତର୍ଗତ ପଦ୍ମପୁର ଉପଖଣ୍ଡ ଅଧିନସ୍ଥ ପାଇକମାଲ ବ୍ଲକ୍ ଝିଟିକି ଗ୍ରାମରୁ ପ୍ରତିବର୍ଷ ନୂଆଁଖାଇ ପାଇଁ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିରକୁ ଆସିଥାଏ ସୁସଜ୍ଜିତ ଦିବ୍ୟ ଭାର। ତାହାକୁ 'ସାଲିଆନା ଭାର' କୁହାଯାଏ।। ଝିଟିକି ଗ୍ରାମର ଚାଷୀମାନଙ୍କ ସହ ସମଗ୍ର ଗ୍ରାମବାସୀ ଘର ଘର ବୁଲି ସଂଗ୍ରହ କରିଥାନ୍ତି ନୂଆଁଖାଇ ଭୋଗ। ଚାଉଳ, ମୁଗ, ନଡ଼ିଆ, ଘିଅ, ଗୁଡ଼, ଲୁଣ ଏବଂ ଓ ବିଭିନ୍ନ ପନିପରିବା ସହ ଅଙ୍ଗୁର, କଦଳୀ ଆଦି ଭାରରେ ଆଣି ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିରର ଭଣ୍ଡାର ମହୁରୀ ଏବଂ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ପାଖରେ ଜମା ଦେଇଛନ୍ତି । ଯେଉଁମାନେ ଭାର ନେଇ ଆସିଥାନ୍ତି, ସେମାନେ ସମସ୍ତେ ନୃସିଂହ ମହାପ୍ରଭୁଙ୍କୁ ଦର୍ଶନ କରି ଅନ୍ନ ପ୍ରସାଦ ଖାଇ ଖୁସିରେ ଘରକୁ ଫେରିଥାଆନ୍ତି ।



## ରଜ ଭାର

ଆମ ସଂସ୍କୃତିରେ ରଜ ଏକ ମହାନ ପର୍ବ। ଏହିଦିନ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ବିଶେଷ ରୀତନୀତି ଅନୁଷ୍ଠିତ ହୋଇଥାଏ। ପ୍ରତି ଗାଁ ଗାଁରେ ଶ୍ରୀ ଜଗନ୍ନାଥଙ୍କ ପୂଜା ଉପାସନା ପୂର୍ବକ ଧରଣୀ ମାଆଙ୍କୁ ଶାନ୍ତି ଦେବାପାଇଁ ତିନି ଦିନ ଧରି ଆନନ୍ଦ ଉଲ୍ଲାସର ସହିତ ଏହି ପର୍ବ ପାଳନ କରାଯାଏ। ରଜ ଓଡ଼ିଶାର ଏକ ପାରମ୍ପରିକ ଗଣପର୍ବ। 'ରଜ' ଶବ୍ଦର ଆକ୍ଷରିକ ଅର୍ଥ 'ରଜବତୀ' ହେବା, ଯାହା ପୃଥିବୀକୁ ମାତା ଭାବରେ ବିବେଚନା କରି ବର୍ଷାର ଆଗମନରେ ସେ ରଜସ୍ୱଳା ହେବାର ଓ ନୂଆ ଶସ୍ୟ ଜନ୍ମ ହେବାର ସାଙ୍କେତିକ ଭାବ ବହନ କରିଥାଏ। ରଜ ଅବସରରେ ବାପଘରୁ ଝିଅ ଘରକୁ ଯଥା ଶକ୍ତି ଅନୁସାରେ ଭାର ଆସିଥାଏ। ତାହାକୁ 'ରଜ ଭାର' କୁହାଯାଏ। ସେହି ଭାରରେ ଥାଏ ଆମ୍ବ, ପଣସ, ସପୁରି, ନଡ଼ିଆ, କଦଳୀ, ଫଳ, ପୋଡ଼ପିଠା, ମିଠା, ନୂତନ ବସ୍ତ୍ର ଇତ୍ୟାଦି।





## ପୋଢୁଆଁ ଭାର

ପ୍ରଥମାଷ୍ଟମୀ ବା ପୋଢୁଆଁ ଅଷ୍ଟମୀ ଦିନ ଶ୍ରୀମନ୍ଦିରରେ ପୋଢୁଆଁ ହୋଇଥାନ୍ତି ମହାପ୍ରଭୁ। ମହାପ୍ରଭୁଙ୍କ ମାମୁଁ ଘର କଟକ ନିଆଳି ଶ୍ରୀମାଧବାନନ୍ଦଜୀଉ ମନ୍ଦିରରୁ ଏକାନ୍ତ ଭକ୍ତି ଭାବର ସହିତ ପଢୁଆଁ ଭାର ଆସିଥାଏ। ସଂଖ୍ୟାଧିକ ଭକ୍ତଙ୍କ ସମାଗମରେ ବିରାଟ ଶୋଭାଯାତ୍ରାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ପ୍ରଥମେ ଏହି ଭାର ପହଞ୍ଚିଥାଏ। ପ୍ରଥମାଷ୍ଟମୀ ପୂର୍ବଦିନ ଅର୍ଥାତ ସପ୍ତମୀ ତିଥିରେ ଠାକୁରଙ୍କ ମଉଳା କ୍ଷେତ୍ର କୁହାଯାଉଥିବା ପ୍ରାଚୀର ଅଧିଷ୍ଠାତା ଦେବତା ଶ୍ରୀମାଧବଙ୍କ ପୀଠରୁ ଶ୍ରୀମନ୍ଦିରକୁ ପଢୁଆଁ ଭାର ଆସିଥାଏ। ରତ୍ନସିଂହାସନସ୍ଥ ମହାପ୍ରଭୁ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ଶ୍ରୀଜଗନ୍ନାଥ, ସୁଦର୍ଶନ, ମାଧବ, ଭୂଦେବୀ ଓ ଶ୍ରୀଦେବୀଙ୍କ ପାଇଁ ପାଟବସ୍ତ୍ର ଓ ଅନ୍ୟାନ ପଢୁଆଁ ସାମଗ୍ରୀ ମଧ ବିଧି ମୁତାବକ ଆସିଥାଏ । ପୋଢୁଆଁ ସାମଗ୍ରୀ ଗୁଡ଼ିକ ମଧ୍ୟରେ ଥାଏ - ଅରୁଆ ଚାଉଳ, ବିରି, ନଡ଼ିଆ, ଗୁଡ଼, ପାଚିଲା କଦଳି, ଘିଅ, ଚନ୍ଦନ କାଠ, କର୍ପୂର, ଅଗୁରୁ, ଯାଇଫଳ, ପାନ, ଗୁଆ, ଅଳେଇଚ, ଲବଙ୍ଗ, ଗୋପାଳବଲ୍ଲଭ ପାଇଁ ବିଭିନ୍ନ ଫଳମୂଳ ଏବଂ ମହାପ୍ରଭୁଙ୍କ ବେଶ ଲାଗି ତୁଳସୀ ଓ ପଦ୍ମଫୁଲ।



## ଅଢ଼ିଆ ଭାର



ପଶ୍ଚିମ ଓଡ଼ିଶାର ପାରମ୍ପରିକ ଗଣପର୍ବରେ ଗରିବ ଅସହାୟମାନଙ୍କୁ ସାହାଯ୍ୟ ସହଯୋଗ କରିବା ପାଇଁ ଲୋକମାନେ ମିଳିତ ହୋଇଥାନ୍ତି। କିଛି ସମାଜସେବୀ ସଂଗଠନର କର୍ମକର୍ତ୍ତାମାନେ ସମବେତ ଭାବେ ଗରିବ ଲୋକମାନଙ୍କୁ ଫଳ ମୂଳ, ଅର୍ଥ, ବସ୍ତ୍ର ଆଦି ସାହାଯ୍ୟ କରିଥାନ୍ତି ଏବଂ ଗୁରୁଜନମାନଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ଲାଭ କରିଥାନ୍ତି। ବିଭିନ୍ନ ଦ୍ରବ୍ୟ ଭାରରେ ବୋହିଆଣି

ଗରିବ ଲୋକମାନଙ୍କୁ ସାହାଯ୍ୟ ସହଯୋଗ କରୁଥିବାରୁ ସେହି ଭାରକୁ 'ଅଢ଼ିଆ ଭାର' କୁହାଯାଏ। ପଶ୍ଚିମ ଓଡ଼ିଶାର ପାରମ୍ପରିକ ଗଣପର୍ବ ନୂଆଁଖାଇରେ ଗରିବ, ଦୁଃଖୀ ଲୋକଙ୍କ ମୁହଁରେ ହସ ଫୁଟାଇବା ପାଇଁ ଏହିପରି ସମର୍ପଣପୂର୍ଣ୍ଣ ସେବାମୂଳକ କାର୍ଯ୍ୟ କରାଯାଇଥାଏ। ସେହିପରି ନୂଆଁଖାଇ ପୂର୍ବଦିନ ବନ୍ଧୁବାନ୍ଧବମାନଙ୍କୁ ମଧ ଅଢ଼ିଆ ଦେବାର ପରମ୍ପରା ପ୍ରଚଳିତ।





ଆମ ସମାଜରେ ଏବେ ସେପରି ଆଉ ଭଳିକି ଭଳି ଭାର ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି। ବର୍ତ୍ତମାନ ପିଢ଼ିର ଲୋକମାନେ ସଂସ୍କୃତି ଓ ପରମ୍ପରା କିଛି ବୁଝିପାରୁ ନାହାନ୍ତି। ଫଳରେ ସମାଜରୁ ଧର୍ମ, ଉପାସନା, ଓଷା, ବାର, ବ୍ରତ ସମୟ କ୍ରମେ ଲୋପ ପାଇବାକୁ ଲାଗୁଛି। ଏପରିକି ଅନେକ ଓଷା ବ୍ରତ ପାଳନ ବିଷୟରେ ଯୁବପିଢ଼ି ମଧ ଜାଣି ନାହାନ୍ତି। ଦିନ ଥିଲା ଉତ୍କଳୀୟ ସଂସ୍କୃତିକୁ ସମଗ୍ର ବିଶ୍ୱ ଅନୁକରଣ କରୁଥିଲା। ■

ଓଡ଼ିଆ ଭାଷା ସାହିତ୍ୟ ଗବେଷକ, ଭଦ୍ରକ, ଓଡ଼ିଶା
ମୋ: ୮୭୬୩୫୪୮୨୦୨

ଓଡ଼ିଆ ଘରେ ବିଭିନ୍ନ ରୀତିନୀତି, ସଂସ୍କୃତି ଓ ପ୍ରଥା-ପରମ୍ପରା ପ୍ରଚଳିତ । ଏହି କ୍ରମରେ ହିନ୍ଦୁ ପରମ୍ପରାରେ ବାପ ଘରୁ ଝିଅ ଶାଶୂଘରକୁ ଭାର ଆସିବା ବିଧି ଅଛି । ତେଣୁ ଓଡ଼ିଆ ଘରର ପରମ୍ପରା ଅନୁସାରେ, ରଜ ଓ ସାବିତ୍ରୀରେ ଝିଅ ପାଇଁ ବାପ ଘରୁ ଭାର ଆସିଥାଏ । ଏହାକୁ ଏବେ ବି ପାଳନ କରାଯାଉଛି । ବିଶେଷକରି ବାହାଘର ପରେ ଝିଅର ପ୍ରଥମ ସାବିତ୍ରୀ ଓ ରଜ ଭାର ଖୁବ୍ ଗୁରୁତ୍ୱ ବହନ କରେ । ଯଦିଓ ସମୟ ସହିତ ଭାର ପରମ୍ପରାରେ ଅନେକ ପରିବର୍ତ୍ତନ ଆସିଛି, ତଥାପି ବାପ ଘରୁ ଭାର ଯିବା ଚଳଣି ବନ୍ଦ ହୋଇ ନାହିଁ । ରଜ, ସାବିତ୍ରୀ ବ୍ରତ ଏବଂ ପୁନେଇଁ ଭାରରେ କ'ଣ ସବୁ ଆସିଥାଏ ଏବଂ ସମୟ ସହିତ ଏଥିରେ କି ପ୍ରକାର ପରିବର୍ତ୍ତନ ଆସିଛି, ତାହାକୁ ନେଇ ଏହି ବିଶେଷ ଉପସ୍ଥାପନା ।



# ସାବିତ୍ରୀ ଓ ରଜ ଭାର



## ବାପ ଘରୁ ଆସେ ରଜ ଓ ସାବିତ୍ରୀ ଭାର

ଜ୍ୟେଷ୍ଠ ମାସ ଅମାବାସ୍ୟାରେ ପାଳନ କରାଯାଏ ସାବିତ୍ରୀ ବ୍ରତ। ଓଡ଼ିଆ ମହିଳାମାନଙ୍କର ଏହା ହେଉଛି ସବୁଠୁ ବଡ଼ ପର୍ବ। ସଧବା ନାରୀମାନେ ଅଖଣ୍ଡ ସୌଭାଗ୍ୟ ଓ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା ପାଇଁ ଏହି ବ୍ରତ ପାଳନ କରିଥାନ୍ତି। ଏହି ଦିନ ମହିଳାମାନେ ଉପବାସ ରଖନ୍ତି। ଏହି ବ୍ରତରେ ଭଗବାନ ଦେବୀ ସାବିତ୍ରୀ, ଯମ ଦେବତା, ସତ୍ୟବାନ-ସାବିତ୍ରୀଙ୍କୁ ପୂଜା କରିବାର ବିଧି ଅଛି। ଏହାବାଦ୍ ଏହି ପୂଜାରେ ବର ଗଛ ପୂଜାର ବିଶେଷ ମହତ୍ତ୍ୱ ରହିଛି। ଓଡ଼ିଆ ଘରର ପରମ୍ପରା ଅନୁସାରେ, ବ୍ରତ ପାଇଁ ସମସ୍ତ ଜିନିଷ ମହିଳାଙ୍କ ବାପଘରୁ ଆସିଥାଏ। ଯାହାକି 'ସାବିତ୍ରୀ ଭାର' ନାମରେ ଜଣାଶୁଣା। ଅନ୍ୟପଟେ ରଜ ଉତ୍ସବର ଦୁଇ ତିନି ଦିନ ପୂର୍ବରୁ ଯେଉଁ ଭାର ବାପ ଘରୁ ଝିଅ ଘରକୁ ଆସେ, ତାହାକୁ 'ରଜ ଭାର' ବୋଲି କୁହାଯାଏ।



## ଦିନେ ଦୁଇ ଦିନ ପୂର୍ବରୁ ଆସେ

ସାବିତ୍ରୀ ତଥା ରଜ ଭାର ଆଣି ବାପା କି ଭାଇ କେବେ ଆସିବେ, ଏହାକୁ ପ୍ରତ୍ୟେକ ବିବାହିତା ମହିଳା ଚାହିଁ ବସିଥାନ୍ତି । ଓଡ଼ିଆ ଘରର ପରମ୍ପରା ଅନୁସାରେ, ସାବିତ୍ରୀ ଓ ରଜ ଭାର ଦିନେ ଦୁଇ ଦିନ ପୂର୍ବରୁ ଝିଅ ଘରକୁ ଆସେ । ସେହିପରି ସାବିତ୍ରୀ ଓ ରଜ ଆସିବା ସମୟ ଯେତିକି ପାଖେଇ ଆସେ, ଝିଅ ମନରେ ବାପଘରୁ କେହି ଆସିବା ନେଇ ଉତ୍ସୁକତା ବଢ଼ିଥାଏ । ଏପରିକି ଭାରରେ କ'ଣ ସବୁ ଆସିବ, ତାହାକୁ ନେଇ ଝିଅ ଶାଶୂଘର ବି ଉତ୍ସାହିତ ଥାନ୍ତି । ତେବେ ଭାର ସହିତ ଆସୁଥିବା ବ୍ୟକ୍ତି ବିଶେଷ ସେହି ଦିନ ଭାର ଦେଇ ଚାଲି ଯାଆନ୍ତି । ନଚେତ କେହି କେହି ଦିନେ ଦୁଇ ଦିନ ଭାର ସହିତ ଝିଅ ଘରେ ରହି ରଜ, ସାବିତ୍ରୀ ପାଳନ କରି ଯାଇଥାନ୍ତି ।



## ଘରେ ତିଆରି ହୁଏ ଭାର ମିଠା

ଭାର ପ୍ରସ୍ତୁତି ଲାଗି ପୂର୍ବରୁ କାରିଗରଙ୍କୁ ବରାଦ ଦିଆଯାଏ । ଏପରିକି ପୂର୍ବରୁ ଘରେ ମିଠା କାରିଗର ଭାର ତିଆରି କରି ଯାଉଥିଲେ । ଦୋକାନରେ ମିଳୁଥିବା ମିଠାଠାରୁ ଭାର ମିଠା ଥାଏ ଅଲଗା । ଏପରିକି ଏହାର ସ୍ୱାଦ ମଧ୍ୟ ଥାଏ ନିଆରା । ଭାର ମିଠାରେ ସାମିଲ ଅଛି ଲଡ୍ଡୁ, ଲବଙ୍ଗଲତା, ରସଗୋଲା, ଜିଲାପି, ଫେଣି, ଗଜା ଆଦି ଅନ୍ୟାନ୍ୟ ମିଠା । ଏଣୁ ରଜ, ସାବିତ୍ରୀରେ ଯେଉଁ ମିଠା ଭାରରେ ଯାଏ, ସେସବୁକୁ ଆଗୁଆ ବରାଦ ଦିଆଯାଏ । ଅବଶ୍ୟ ଏବେ କାଁ ଭାଁ ଘରକୁ କାରିଗର ଆସି ଭାର ତିଆରି କରୁଥିବା ଦେଖାଯାଉଛି । ନଚେତ ଆଜିକାଲି ଦୋକାନରେ ଭାର ଜିନିଷ ବିକ୍ରି ହେଉଛି ।



## ଭାରରେ ନାହିଁ ଭେଦଭାବ

ଭାରରେ ନ ଥାଏ ଧନୀ କି ଗରିବର ଭେଦଭାବ। ଯାହାର ସାମର୍ଥ୍ୟ ଯେତିକି, ସେମାନେ ସେହି ଅନୁସାରେ ନିଜ ଝିଅ ପାଖକୁ ଭାର ପଠାନ୍ତି। ସାବିତ୍ରୀ ଭାରରେ ଶଙ୍ଖା, ସିନ୍ଦୂର, ଚୁଡ଼ି, ଅଳତା ଆମ୍ବ,ପଣସ, ସପୁରି, ଶାଢ଼ି, ସେଓ, କଦଳୀ, ନଡ଼ିଆ, ମୁଗ ସମେତ ବିଭିନ୍ନ ପୂଜା ଉପକରଣ ଝିଅ ଶାଶୂଘରକୁ ଆସିଥାଏ। ଏସବୁକୁ ପୂଜା କରି ଝିଅ ତା'ର ସାବିତ୍ରୀ ବ୍ରତ ପାଳନ କରେ। ଅନ୍ୟପଟେ ରଜ ଭାରରେ ଆସୁଥିବା ଜିନିଷରେ ବିବାହିତା ମହିଳାମାନେ ରଜ ଉତ୍ସବ ପାଳନ କରିଥାନ୍ତି। ବାପଘରୁ ଆସିଥିବା ନୂଆ ଲୁଗା,ପିଠା ମିଠା, ପାନ ଖାଇ ଝିଅଟିଏ ବିବାହ ପରର ପ୍ରଥମ ରଜକୁ ଅତି ଖୁସିରେ ପାଳନ କରିଥାଏ।





## ଭାରୁଆ ବୋହୁଥିଲେ ଭାର

ଗୋଟେ ସମୟ ଥିଲା ଭାରୁଆମାନେ ଭାର ବୋହୁ ଥିଲେ। ପ୍ରତ୍ୟେକ ଜିନିଷକୁ ହାଣ୍ଡି ତଥା ଡାଲାରେ ବନ୍ଧାଯାଏ। ସେହି ଭାରକୁ ଭାରୁଆମାନେ କାନ୍ଧରେ ବୋହିକି ଆଣନ୍ତି ଏବଂ ସେମାନଙ୍କ ସହ କନ୍ୟା ପିତା, ଭାଇ ଯାଆନ୍ତି। ବାରିକ ମଧ୍ୟ ଭାର ଜିନିଷ ସହ ଆସିବା କୁହାଯାଏ। ହେଲେ ଏବେ ଭାରୁଆ ଆଉ ଭାର ବୋହୁ ନ ଥିଲେ ବି ଲୋକେ ଭାରକୁ ବଡ଼ ଅଖା, ବ୍ୟାଗ୍ ତଥା କାର୍ଟୁନ୍‌ରେ ରଖି ବସ୍ କିମ୍ବା କାର୍‌ରେ ନେଇ ଝିଅ ଘରକୁ ଯାଉଛନ୍ତି।



## କାର୍ଟୁନ୍‌ରେ ଆସୁଛି ଭାର

ପୂର୍ବରୁ ଭାର ଜିନିଷ ସବୁ ବଡ଼ ବଡ଼ ପାଛିଆରେ ଆସୁଥିଲା। ବିଭିନ୍ନ ପ୍ରକାର ମିଠା ପ୍ୟାକେଟ୍ ବଦଳରେ ହାଣ୍ଡିରେ ଆସୁଥିଲା। ଏବେ କିନ୍ତୁ ବଡ଼ ତଥା ଛୋଟ ଆକାରର କାର୍ଟୁନ୍‌ରେ ଏସବୁ ଯାଉଛି। କେବଳ ସେତିକି ନୁହେଁ, କାର୍ଟୁନକୁ ଯେଉଳି ଅଧିକ ସୁନ୍ଦର ଓ ଆକର୍ଷଣୀୟ ଲାଗିବ, ତାହାକୁ ରଙ୍ଗିନ ଜରିରେ ସଜା ମଧ୍ୟ ଯାଉଛି।

## ରଜ ଭାରର ଆକର୍ଷଣ ପିଠା

ସାବିତ୍ରୀ ଭଳି ରଜ ଭାରରେ ବି ଫଳମୂଳ ଆସେ। ଶାଢ଼ି, ଚୁଡ଼ି, ଅଳତା, ସିନ୍ଦୂର ସହିତ ପାନ, ମିଠା, ଆମ୍ବ, ପଣସ, ସପୁରି, ସେଓ, କଦଳୀ ଆଦି ଫଳମୂଳ ଭାରରେ ସାମିଲ ଥାଏ। ସେହିପରି ଏ ସବୁ ବାଦ୍ ଏହି ଭାରର ମୁଖ୍ୟ ଆକର୍ଷଣ ହେଉଛି ପିଠା। ବିଶେଷକରି ପୋଡ଼ ପିଠା। ରଜ ଭାରରେ ଆରିସା, କାକରା ସହିତ ପୋଡ଼ପିଠା ନିଶ୍ଚୟ ଆସିଥାଏ।



## ଫୋନ୍ ପେ'ରେ ଆସୁଛି ଭାର ଟଙ୍କା

ଆଜିକାଲି ଭାର ନେଇ କେହି କାହା ଘରକୁ ସେତେ ବେଶି ଯାଉ ନାହାନ୍ତି। କିମ୍ବା ଭାର ମଧ୍ୟ କାହାକୁ ବାଣ୍ଟିବାକୁ ପଡୁ ନାହିଁ। ଘରଠୁ ଅନେକ ଦୂରରେ ଥିବା ଲୋକଙ୍କୁ ଭାର ଟଙ୍କା ଫୋନ୍ ପେ' କରାଯାଉଥିବା ବେଳେ ପାଖରେ ଥିବା ଲୋକଙ୍କୁ ମଧ୍ୟ ଫୋନ୍ ପେ' ମାଧ୍ୟମରେ ଭାର ଟଙ୍କା ପଠାଯାଉଛି। ତେଣୁ ଏବେ ବଡ଼ ବଡ଼ ଅଖା କି ବ୍ୟାଗ୍‌ରେ ଆମ୍ବ, ପଣସ, ନଡ଼ିଆ ଆଦି ଭାରରେ ଆସୁ ନାହିଁ। ଏହିପରି ଭାବେ ଭାରର ସେହି ସ୍ନେହ ଶ୍ରଦ୍ଧା ଏବେ ଫିକା ପଡ଼ିଛି।




## ସାହି ଲୋକ ଓ ସମ୍ପର୍କୀୟଙ୍କୁ ବଣ୍ଟନ

ଭାର ଦିଆଯିବା ପରମ୍ପରା ବହୁ ପୁରୁଣା ହୋଇଥିଲେ ହେଁ ଏବେ ବି ଏହାର ଚମକ ଅଛି। ସେହିପରି କିଏ କେତେ ସମ୍ଭ୍ରାନ୍ତ କି ପ୍ରତିଷ୍ଠିତ ସେକଥା ବି ଭାର ଏକପ୍ରକାର ସୂଚାଏ। ସମାଜରେ ପୂର୍ବରୁ କିଏ, କେମିତି ଓ କେତେ ପରିମାଣରେ ଭାର ଦେଉଥିଲେ, ତାହାକୁ ଗୁରୁତ୍ୱ ଦିଆଯାଉଥିଲା। ସେହିପରି ଝିଅ ଶାଶୂଘରକୁ ଭାର ଆସିଲେ ଗାଁର ଆଖପାଖ ଲୋକେ ଆସି ପ୍ରଥମେ ଦେଖିକି ଯାଆନ୍ତି ଯେ, ବାପ ଘରୁ ଝିଅ ପାଇଁ କ'ଣ ସବୁ ଭାରରେ ଆସିଛି। କେହି କେହି ଭାରକୁ ନେଇ ଥଟ୍ଟା, ପରିହାସ ବି କରିଥାନ୍ତି। କେବଳ ସେତିକି ନୁହେଁ, ରଜ ତଥା ସାବିତ୍ରୀ ଭାରରେ ଆସୁଥିବା ଜିନିଷକୁ ଆଖପାଖ ପଡ଼ିଶାଙ୍କ ସମେତ ବନ୍ଧୁ ତଥା ସମ୍ପର୍କୀୟଙ୍କ ଘରେ ମଧ୍ୟ ବଣ୍ଟା ଯାଏ। ଏବେ ବି ଏହି ପରମ୍ପରା ବଳବତ୍ତର ଅଛି। ଏଣୁ ଏବେ ବି ଭାର ଆସିଲେ ତାହାକୁ ନିଜ ଲୋକଙ୍କ ମଧ୍ୟରେ ବଣ୍ଟା ଯାଇଥାଏ।







## ପୁନେଇଁ ଭାର

ଭଲ ବର ପାଇବା ପାଇଁ ପ୍ରତ୍ୟେକ କୁଆଁରୀ ଝିଅ କୁମାର ପୂର୍ଣ୍ଣିମା ଓଷା ପାଳନ କରିଥାନ୍ତି। ସେହିପରି ବାହାଘର ପରେ ଝିଅ ପାଇଁ ପ୍ରଥମ କୁମାର ପୂର୍ଣ୍ଣିମା ଭାର ଆସେ। ଏହାକୁ 'ପୁନେଇଁ ଭାର' ବୋଲି କୁହାଯାଏ। ଏହି ଭାର ଝିଅ ପାଇଁ ତା' ଶାଶୂଘରୁ ଆସିଥାଏ। ଭାରରେ କୁମାର ପୂର୍ଣ୍ଣିମା ପୂଜା ପାଇଁ ସମସ୍ତ ଜିନିଷ ଆସିଥାଏ। ଝିଅ ପାଇଁ ନୂଆ ଲୁଗା, ଶଙ୍ଖା, ସିନ୍ଦୂରଠାରୁ ଆରମ୍ଭ କରି ଫଳ, ମିଠା ଆଦି ପୂଜା ଜିନିଷ ଥାଏ। ତେବେ ଏହି ଭାରରେ ବିଭିନ୍ନ ପ୍ରକାର ଗୁଡ଼ ତଥା ଚିନି ଉଖୁଡ଼ା ଆସେ। ଏସବୁ ଜିନିଷକୁ ନେଇ ସେ ତା' ପ୍ରଥମ କୁମାର ପୂର୍ଣ୍ଣିମା ପାଳନ କରେ। ■



# ବାହାଘର ଭାର

ଭାରତୀୟ ସଂସ୍କୃତି ଓ ପରମ୍ପରାରେ ବାହାଘରକୁ ଗୋଟିଏ ପବିତ୍ର ବନ୍ଧନ ବୋଲି କୁହାଯାଏ । ବିବାହ ହେଉଛି ଏକ ସାମାଜିକ ସ୍ୱୀକୃତି । ସାଧାରଣତଃ ଓଡ଼ିଆ ସଂସ୍କୃତିରେ ବିବାହ ପୂର୍ବ ଓ ପରବର୍ତ୍ତୀ ସମୟରେ ଅନେକ ରୀତିନୀତି, ପରମ୍ପରା ପାଳିତ ହୋଇଥାଏ । ସେଥିମଧ୍ୟରୁ ଗୋଟିଏ ହେଉଛି 'ଭାର' ପରମ୍ପରା । ତେବେ ଓଡ଼ିଆ ପରମ୍ପରାରେ ବିବାହ ପୂର୍ବରୁ ଓ ପରେ ଦିଆଯାଉଥିବା ଭାରଗୁଡ଼ିକକୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା ।

## ନିର୍ବନ୍ଧ ଭାର

ବିବାହ ରୀତିନୀତି ନିର୍ବନ୍ଧରୁ ଆରମ୍ଭ ହୋଇଥାଏ। ନିର୍ବନ୍ଧ ଦିନ ଉଭୟ ବର ଓ କନ୍ୟା ପକ୍ଷର ମାନ୍ୟଗଣ୍ୟ ବ୍ୟକ୍ତି ଘରେ ହେଉ ବା ନିକଟସ୍ଥ ମନ୍ଦିରକୁ ଯାଇ ନଡ଼ିଆ, ଗୁଆ, ପାନ, ଅରୁଆ ପଇତା, ଚାଉଳ, ସିନ୍ଦୂର, କଜଳ ଆଦି ଜିନିଷ ପିତ୍ତଳ ଥାଳିରେ ଧରି ନୂଆ ବନ୍ଧୁ ହେଲେ ବୋଲି ପରସ୍ପର ହାତକୁ ଥାଳ ମହାପ୍ରସାଦ ଟେକିଥାନ୍ତି । ଏହିଦିନ ଉଭୟ ପରିବାର ଲୋକେ ବିବାହ ସଂପର୍କିତ ଆଲୋଚନା କରିଥାନ୍ତି । ନିର୍ବନ୍ଧ ଦିନ ବରଘର ପକ୍ଷରୁ କନ୍ୟା ଘରକୁ ଭାର ପଠା ଯାଇଥାଏ। ଏହାକୁ 'ଟିପ୍ପଣୀ' ବା 'ଲଗନପତ୍ର ଭାର' ବୋଲି କୁହାଯାଏ। କେତେକ ସ୍ଥାନରେ କନ୍ୟାଘରୁ ମଧ୍ୟ ନିର୍ବନ୍ଧରେ ଭାର ଆସିବା ପରମ୍ପରା ରହିଛି । ଭାରରେ ଲିଆ, ଉଖୁଡ଼ା, ହୁଡୁମ, ମିଠେଇ, ଖାସ୍ତା ଗଜା, ଫେଣି, ଲବଙ୍ଗଲତା, ଜିଲାପି, ହୁଡୁମ ମୁଆଁ, ନଡ଼ିଆ,କଦଳୀ, ଆରିସା ପିଠା ଆଦି ନାନାଦି ପ୍ରକାର ପିଠା, ମିଠା, ଫଳ ଆଦି ଆସିଥାଏ। ଲୋକେ ନିଜ ଶକ୍ତି ଅନୁସାରେ ନିର୍ବନ୍ଧ ଭାର ଦେଇଥାନ୍ତି ।




## ମାଟିହାଣ୍ଡି, ବେତ ଚାଙ୍ଗୁଡ଼ିରେ ଭାର



ପୂର୍ବରୁ ଚିତ୍ର ବିଚିତ୍ର ମାଟିହାଣ୍ଡି ଓ ବେତ ଚାଙ୍ଗୁଡ଼ିରେ ଭାର ଦିଆଯାଉଥିଲା। ହାଣ୍ଡିରେ ଭଳିକି ଭଳି ମିଠା ଭର୍ତ୍ତି କରି ଓ ଜରି ଅଖାରେ ଲିଆ, ଉଖୁଡ଼ା, ମୁଆଁ ଭରି ବାରିକ ମୁଣ୍ଡରେ ମୁଣ୍ଡେଇ ଚାଲିକରି ହେଉ ଅବା ସାଇକେଲରେ ଭାର ସାମଗ୍ରୀ ନେଇ ଯାଉଥିଲେ। ବର୍ତ୍ତମାନ ସମୟ ବଦଳି ଯାଇଛି, କାର୍ଟୁନ ପେଟିରେ ଭାର ଦିଆଯାଉଛି। ଏବେ ଲୋକେ କାର୍ଟୁନ ପେଟିରେ ବିଭିନ୍ନ ପ୍ରକାର ପିଠା, ମିଠା, ଲିଆ, ଉଖୁଡ଼ା, ଗଜା, ଫେଣି ଆଦି ଭର୍ତ୍ତି କରି ଦେଉଛନ୍ତି । ସେହିପରି ଆଉ କିଛି ଭାରକୁ ଆକର୍ଷଣୀୟ କରିବାପାଇଁ ଭାର ଚାଙ୍ଗୁଡ଼ିକୁ ଚିକ୍‌ମିକ୍ ଜରିରେ ଆବଦ୍ଧ କରି ଦେଉଥିବାର ଦେଖିବାକୁ ମିଳୁଛି। ସେହିପରି ଲୋକମାନଙ୍କ ପସନ୍ଦ ଅନୁଯାୟୀ ଭାର ଦିଆଯାଉଛି। ଏହି ଭାରକୁ ଗାଁ ସାହିଭାଇ, ବନ୍ଧୁବାନ୍ଧବ, ସାଙ୍ଗସାଥୀମାନଙ୍କ ଘରକୁ ବଣ୍ଟା ଯାଇଥାଏ। ଏହା ଦ୍ୱାରା ଦୁଇ ପରିବାର ମଧ୍ୟରେ ଥିବା ସମ୍ପର୍କ ମଜଭୁତ୍ ହୋଇଥାଏ ବୋଲି କୁହାଯାଏ। ଏହା ବିବାହର ଶୁଭ ସଙ୍କେତ ବୋଲି କୁହାଯାଏ।



## ପୁଆଣି ଭାର

ବାହାଘରର ଦୁଇ, ତିନି କିମ୍ବା ଚାରି ଦିନରେ ଦିଆଯାଉଥିବା ଭାରକୁ 'ପୁଆଣି ଭାର' ବୋଲି କୁହାଯାଏ । ଏହି ଭାରରେ ଝିଅକୁ ସମସ୍ତ ଆସବାବପତ୍ର ସାଙ୍ଗକୁ ଲିଆ, ଉଖୁଡ଼ା, ଖଜା, ଫେଣି, ଲବଙ୍ଗଲତା, ଛେନା ଗଜା, ଆରିସା ପିଠା ସମେତ ନଡ଼ିଆ କଦଳୀ ଆଦି ଭାର କାର୍ଟୁନରେ ଭର୍ତ୍ତି କରି ଦିଆଯାଇଥାଏ ।

## ଲେଉଟାଣି ଭାର

ପୁଆଣି ଭାରରେ ଝିଅ ବାପଘରୁ ଯାଇଥିବା ଭାରରୁ କିଛି ସାମଗ୍ରୀ ଲେଉଟାଣି ଭାରରେ ଦିଆଯାଇଥାଏ । ଲିଆ, ଉଖୁଡ଼ା, ମୁଆଁ, ଖଜା, ଗଜା ଆଦି ମିଶାଇ କାର୍ଟୁନରେ ଭର୍ତ୍ତି କରି ଏହାକୁ ପୁଆଣି ଭାରର ପରଦିନ ବରଘର ଲୋକେ କନ୍ୟା ଘରକୁ ପଠାନ୍ତି । ଏହାକୁ ଲେଉଟାଣି ଭାର ବୋଲି କୁହାଯାଏ ।

## ଦଶମଙ୍ଗଳା ଭାର

ବିବାହ ପରେ ଝିଅ ପ୍ରଥମ କରି ବାପଘରକୁ ଆସିବାର ପରମ୍ପରା ରହିଛି । ବିବାହର ଆଠଦିନରେ ଆସିଲେ ଏହାକୁ ଅଷ୍ଟମଙ୍ଗଳା, ଦଶଦିନରେ ଦଶମଙ୍ଗଳା ଓ ଷୋହଳଦିନରେ ଆସିଲେ ଏହାକୁ ଷୋହଳମଙ୍ଗଳା ବୋଲି କୁହାଯାଏ । ବାପଘରୁ ଝିଅ ଶାଶୁଘରକୁ ଗଲାବେଳେ ନିଜ ସକ୍ଷମ ଅନୁସାରେ ଭାର ନେଇ ଯାଆନ୍ତି । ଏହାକୁ ଦଶମଙ୍ଗଳା ଭାର କୁହାଯାଏ । ଏହି ଭାରରେ ଲିଆ ଉଖୁଡ଼ା, ଜିଲାପି, ମିଠେଇ, ଖଜା, ଆରିସା ପିଠା, ଛେନା ଗଜା, ଲବଙ୍ଗଲତା ସହିତ କଦଳୀ, ଅଙ୍ଗୁର, ସେଓ, ନଡ଼ିଆ ଆଦି ବିଭିନ୍ନ ଫଳ, ମିଠା ଓ ପିଠା ଦିଆଯାଇଥାଏ ।

## ପର୍ବପର୍ବାଣି ଭାର

ସାଧାରଣତଃ ବାହାଘର ପରେ ବିଭିନ୍ନ ପର୍ବପର୍ବାଣିରେ ଝିଅ ଘରକୁ ଭାର ଦିଆଯାଏ । ରଜ, ସାବିତ୍ରୀ, ପ୍ରଥମାଷ୍ଟମୀ, ଗହ୍ମାପୂର୍ଣ୍ଣିମା, ଦୋଳପୂର୍ଣ୍ଣିମା, ଦ୍ୱିତୀୟା ଓଷା ଆଦିରେ ଝିଅ ଘରକୁ ଭାର ଯାଇଥାଏ । କିନ୍ତୁ ବିଶେଷ କରି ବ୍ରାହ୍ମଣ ସମ୍ପ୍ରଦାୟରେ ଦେବସ୍ନାନ ପୂର୍ଣ୍ଣିମା, ଶ୍ରାବଣ ମାସ ପୂର୍ଣ୍ଣିମା, ଆଶ୍ୱିନ ମାସ ପୂର୍ଣ୍ଣିମା ଓ ପୌଷ ପୂର୍ଣ୍ଣିମାରେ ଭାର ଦିଆଯାଇଥାଏ । ଅଳ୍ପ ବହୁତେ ଲୋକେ ସେମାନଙ୍କ ସାମର୍ଥ୍ୟ ଅନୁସାରେ ଭାର ଦେଇଥାନ୍ତି ।

## ଆଞ୍ଜୁଳି ଟେକା ଭାର

ସେହିପରି କିଛି ଜାତିରେ ଦଶହରାରେ ଜ୍ୱାଇଁ ଡାକରା କରାଯାଏ । ଦଶହରାରେ ଆଞ୍ଜୁଳି ଟେକା ଭାର ନେଇ ଝିଅମାନେ ନିଜ ସ୍ୱାମୀଙ୍କ ସହିତ ବାପଘରକୁ ଆସନ୍ତି । ଜ୍ୱାଇଁ ଘରୁ ଆସିଥିବା ଭାରକୁ ସମସ୍ତଙ୍କ ବନ୍ଧୁବାନ୍ଧବମାନଙ୍କୁ ବଣ୍ଟାଯାଏ । ସେହିପରି ବନ୍ଧୁ ବାନ୍ଧବମାନେ ଘରକୁ ଝିଅଜ୍ୱାଇଁଙ୍କୁ ସେମାନଙ୍କ ଘରକୁ ଯିବା ପାଇଁ ନିମନ୍ତ୍ରଣ ମଧ୍ୟ କରିଥାନ୍ତି । ଫଳରେ ଝିଅଜ୍ୱାଇଁ ମାସେ ପନ୍ଦର ଦିନ ରହି ମାମୁଁ, ମାଉସୀ, ପିଇସା ପିଇସି , ଦାଦା ଖୁଡ଼ି ଆଦି ସମସ୍ତଙ୍କ ଘର ବୁଲି ସେଠାରେ ପାଣିଗ୍ରହଣ କରିଥାନ୍ତି । ଫେରିଲା ବେଳକୁ ସାଥିରେ ଜ୍ୱାଇଁଙ୍କୁ ଭାର ଆକାରରେ ଡ୍ରେସ୍, ମିଠା, ଫଳ ମୂଳ ଆଦି ଦିଆଯାଏ । ସମୟ କ୍ରମେ କାର୍ଯ୍ୟବ୍ୟସ୍ତତା ଯୋଗୁଁ ଏସବୁ ପରମ୍ପରା ହଜି ଗଲାଣି ।



ସାମାଜିକ ଓ ପାରିବାରିକ ସମ୍ପର୍କକୁ ସୁଦୃଢ଼ କରିଥାଏ ଭାର ପରମ୍ପରା । ତେଣୁ ପିଢ଼ି ପରେ ପିଢ଼ି ଏବେ ବି ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବାହାଘର ଭାର ପ୍ରଥା ପ୍ରଚଳିତ ହୋଇଆସୁଛି ।

# ସାଦ ଭାର





'ସୁଆଦ'ରୁ ସାଦର ଉତ୍ପତ୍ତି। ଗର୍ଭଧାରଣର ତିନି ମାସ ମଧ୍ୟରେ ହରମୋନ ପରିବର୍ତ୍ତନ ଯୋଗୁଁ ମହିଳାଙ୍କୁ ସକାଳୁ ଦୁର୍ବଳ ଲାଗିବା ସହ ବାନ୍ତି ଲାଗେ। ଧୀରେ ଧୀରେ ପାଟିକୁ ଅରୁଚି ଲାଗେ। ତେଣୁ ସୁଆଦିଆ ଖାଦ୍ୟ ଖାଇବାକୁ ମହିଳାମାନେ ଇଚ୍ଛା କରନ୍ତି । ଏହି ସମୟରେ ମହିଳାଙ୍କ ମନ ଜାଣି ବାପଘରୁ ସାଦ ଭାର ଦିଆଯାଏ। ଏଥିରେ ମୁଖ୍ୟତଃ ଘରୋଇ ଖାଦ୍ୟ, ମିଠା, ବିଭିନ୍ନ ପ୍ରକାର ପିଠାପଣା, ବୁଢ଼ା ଚକୁଳି, ଛେନା, ଲଡ୍ଡୁ, ମାଛ ଭଜା, ତରକାରି, ଛଣା ଖାଦ୍ୟ, ଦହିବରା ସମେତ ଝିଅର ଆଗ୍ରହ ଅନୁଯାୟୀ ଖାଦ୍ୟ ଦିଆଯାଏ। ତେବେ ବାପଘରୁ ସାଦ ଭାର ଆସିବାର ବି ଅନେକ ନିୟମ ରହିଛି। ଯେମିତିକି ଗର୍ଭଧାରଣର ୬ କି ୮ ମାସରେ ଝିଅ ବାପଘର ଖାଦ୍ୟ କିଛି ଖାଏନି। ତେଣୁ ଏହି ସାଦ ଭାର ଏବେ ସାତ ଓ ୯ ମାସରେ ଦିଆଯାଉଛି। ଏହାକୁ ମନ ସଉଦା ଭାର ମଧ୍ୟ କୁହାଯାଏ। ଭାର ସହିତ ଝିଅ ପାଇଁ ନୂଆ ଶାଢ଼ି, କପଡ଼ା ଆସିଥାଏ।

## ୯୦ ଦଶକର ସାଦ ଭାର

ନବେ ଦଶକରେ ସାଦ ଭାର ଆସିବାର ଦୃଶ୍ୟ ଭିନ୍ନ ଥିଲା। ବିଭିନ୍ନ କାରଣ ପାଇଁ ସେତେବେଳେ କେବଳ ୯ ମାସରେ ବାପଘରୁ ଭାର ଆସିବାର ନିୟମ ରହିଥିଲା। ବାରିକମାନେ ଭାଇମାନଙ୍କ ସହ ବେତ ଟୋକେଇରେ ବିଭିନ୍ନ ପ୍ରକାର ମିଠା, ଦହି, ରଙ୍ଗବେରଙ୍ଗର ଉଖୁଡ଼ା, ହୁଡୁମ, ଚିନି, ନଡ଼ିଆ, ଜିଲାପି, ଚୁଡା, ବସାଦହି, ସୁଜି, କଦଳୀ, ଛେନା, ଗୁଡ଼, ବିରି, ମୁଗ, ଅରୁଆ ଚାଉଳ, ଆଦିକୁ ମଖମଲି କପଡ଼ାରେ ଘୋଡ଼େଇ ଦାଣ୍ଡରେ ବୋହି ବୋହି ଆଣୁଥିଲେ। ଭାର ଅଳ୍ପ ପରିମାଣର ଆସୁଥିଲା। ବାପଘରୁ ଆସିଥିବା ନାନା ସାମଗ୍ରୀରୁ ବୋହୂର ମନ ଜାଣି ଶାଶୂଘରେ ତାକୁ ଖିରି, ପିଠା ଆଦି କରି ଖୁଆଉ ଥିଲେ । ଏହାପରେ ସାହି ପଡ଼ିଶା ସ୍ୱାଦିଷ୍ଟ ବ୍ୟଞ୍ଜନ କରି ବୋହୂକୁ ଖୁଆଉଥିଲେ। ବେଳେ ବେଳେ ଝିଅର ମନ ଜାଣି ମାଛ, ମାଂସ ପାଇଁ ଶାଶୂଘରେ ଟଙ୍କା ଦିଆଯାଉଥିଲା।

**ନାରୀ ଜୀବନରେ ମାତୃତ୍ୱ ହିଁ ପୂର୍ଣ୍ଣତା ଆଣିଦିଏ। 'ଗର୍ଭଧାରଣ' ପ୍ରତ୍ୟେକ ମହିଳାଙ୍କ ପାଇଁ ଏକ ଅଭୁଲା ଅନୁଭୂତି। ଗର୍ଭବତୀ ମହିଳାଙ୍କୁ ସେହି ସମୟରେ ପାଟିକୁ ଅରୁଚି ଲାଗିଥାଏ। ତେଣୁ ତାଙ୍କୁ ବିଭିନ୍ନ ପ୍ରକାର ଖାଦ୍ୟ ଖାଇବାକୁ ଇଚ୍ଛା ହୁଏ। ଓଡ଼ିଆ ଘରର ପରମ୍ପରା ଅନୁସାରେ, ଗର୍ଭବତୀ ସମୟରେ ଝିଅ ଯାହା ଖାଇବାକୁ ଇଚ୍ଛା କରେ ବାପଘର ଲୋକେ ସ୍ନେହ ଓ ଶ୍ରଦ୍ଧାର ସହିତ ସେଇ ସବୁ ଖାଦ୍ୟ ଭାର ଆକାରରେ ଯୋଗାଇ ଦିଅନ୍ତି। ଏହାକୁ 'ସାଦ ଭାର' କୁହାଯାଇଥାଏ। ସାଦ ଭାର କେତେ ମାସରେ ଆସେ, ଏହାକୁ ନେଇ କ'ଣ ନିୟମ ରହିଛି ତାହାକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।**



### "ସାଦ ଭାରର ଆୟୋଜନ ମୋ ପାଇଁ ଅଭୁଲା"

ମୋର ବିବାହ ୨୮ ବର୍ଷରେ ହେଇଥିଲା, ମୋର ପି.ଏଚ୍.ଡି ଓ ଚାକିରି ପାଇଁ ପଢ଼ାପଢ଼ି କରିବା ଯୋଗୁଁ ମାତୃତ୍ୱ ପାଇଁ ୬ ବର୍ଷ ଲାଗିଥିଲା। ଝିଅ ପେଟରେ ଥିଲା ବେଳେ ମୁଁ ମୋ କର୍ମକ୍ଷେତ୍ର ପୁରୀରେ ଏକୁଟିଆ ରହୁଥିଲି, ପୂରା ନଅ ମାସ ମୁଁ ଏକା ରହିଛି, ତେଣୁ ସାଦ ଭାରକୁ ନେଇ ସେମିତି କିଛି ମିଠା ଅନୁଭୂତି ମୋର ନାହିଁ। ମୋ ବାପଘରୁ କିଛି ମିଠା-ପିଠା ଆସିଥିଲା। ମୋ କଲେଜରେ ସବୁ ମାଡାମ୍ ସାର୍‌ମାନେ କଲେଜରେ ମୋ ପାଇଁ ସାଦ ଭାର ଆୟୋଜନ କରିଥିଲେ, ତାହା ମୋ ପାଇଁ ଅଭୁଲା ଅନୁଭୂତି ହୋଇ ରହିଛି।

**ଅନ୍ନପୂର୍ଣ୍ଣା ଦାସ**
ଅଧ୍ୟାପିକା, ସୁରଜ ମଲ ସାହା ମହାବିଦ୍ୟାଳୟ, ପୁରୀ



### "ସାଦ ଭାର କହିଲେ ଉଖୁଡ଼ାକୁ ବୁଝୁଥିଲୁ"

ଆଗରୁ ଭାର କହିଲେ କେବଳ ଉଖୁଡ଼ା, ଚୁଡ଼ା କଥା ଆସେ। ଗର୍ଭଧାରଣ କରିଥିବା ଥିବା କଥା କହିଲେ, କାଳେ କୌଣସି ସମସ୍ୟା ହେବ ସେଥିପାଇଁ କେବଳ ୯ ମାସରେ ମିଠା, କଦଳୀ, ଚିନି, ଗୁଡ଼ ବେତ ଭାରରେ ଚାଦରରେ ଘୋଡ଼ାଇ ବାରିକ ଆଣୁଥିଲେ। ଅବଶ୍ୟ ସେଥିପାଇଁ ତାଙ୍କୁ ପାରିଶ୍ରମିକ ଦିଆଯାଉଥିଲା। ମୋର ମନେ ଅଛି, ମୋତେ ସାଦ ଭାର ଖୁଆଇବାକୁ ମୋ ବାପଘରୁ ଡଙ୍ଗାରେ ଭାର ପଠାଇଥିଲେ। ସେଥିରେ ଉଖୁଡ଼ା ସହିତ ଦୁଇ ବସ୍ତା ହୁଡୁମ ଥିଲା। ଏବେ କିନ୍ତୁ ଭାଇ, ଭାଉଜ, ପଡ଼ୋଶୀମାନେ ବଡ଼ ଗାଡ଼ିକରି ଭାର ଆଣୁଛନ୍ତି। ଆଧୁନିକ ଯୁଗରେ ଭାରରେ ବିଭିନ୍ନ ପ୍ରକାର ଦାମୀ ଦରବ ଆସୁଛି। ସେତେବେଳେ ଜିନିଷ ଆସିଲେ ଶାଶୂଘରେ ହେଉଥିଲା, ଏବେ ବାପଘରୁ ସବୁକିଛି କରିକି ଦେଇଦେଉଛନ୍ତି। ଆମ ସମୟରେ ଶାଢ଼ି ଦିଆଯାଉନଥିଲା। ଏବେ କିନ୍ତୁ ସାତ ମାଇପ ଆସି ବୋହୂକୁ ଖୁଆଇ ନୂଆ ଲୁଗାପଟା ପିନ୍ଧାଇ ଦେଉଛନ୍ତି।

**ସରସ୍ୱତୀ ବେହେରା**
ବାଙ୍କିସାହି, ବଡ଼ ଓସ୍ତିଆ, ଚାନ୍ଦବାଲି

## ଭାର ଦେବାର ନୂଆ ପରମ୍ପରା

ଆଜିକାଲି ବାପଘରୁ ଭାର ଆସୁଛି ସତ ହେଲେ, ଭାର ଦେବାର ଧାରା ସମ୍ପୂର୍ଣ୍ଣ ବଦଳିଛି। ଏବେ ଅଧିକ ପରିମାଣର ଭାର ଆସୁଛି। ଭାର ସାଙ୍ଗେ ୭ କିମ୍ବା ୫ ଜଣ ସଧବା ମହିଳା ଆସିଥାନ୍ତି। ଶଶୁରଘର ଲୋକେ ଷ୍ଟେଜ୍ କରି ସେଠାରେ ବେବିସାୱାର ଆୟୋଜନ କରୁଛନ୍ତି। ଷ୍ଟେଜ୍‌ରେ ବୋହୂକୁ ବସାଇ ସ୍ୱାଦିଷ୍ଟ ବ୍ୟଞ୍ଜନ ଖୁଆଇବା ସହିତ ନାଚଗୀତ ଆୟୋଜନ କରି ଫଟୋସୁଟ୍ କରୁଛନ୍ତି। ବାପଘରୁ ଆସୁଥିବା ପିତ୍ତଳ ଥାଳି ଓ କଂସାରେ ଭାର ସଜାଇ ଏଥିରେ ବଣ୍ଟା ଯାଉଛି। ପିଠାମିଠାକୁ ପୂର୍ବପୁରୁଷଙ୍କୁ ପ୍ରଦାନ କରାଯିବା ପରେ ବୋହୂକୁ ଘରର ସମସ୍ତ ସଦସ୍ୟ ଖୁଆଇ ଦିଅନ୍ତି। ଏହାଦ୍ୱାରା ପାରିବାରିକ ସମ୍ପର୍କ ମଜଭୁତ୍ ହୋଇଥାଏ। ସାହି ପଡ଼ିଶା ଓ ବନ୍ଧୁବାନ୍ଧବଙ୍କ ଘରେ ସାଦ ଭାର ବଣ୍ଟା ଯାଇଥାଏ। ସେମାନେ ଭାର ଖାଇବା ପରେ ଘରକୁ ନୂଆ ଅତିଥି ଆସିବା ଖୁସିରେ ବୋହୂକୁ ମନଭରି ଖାଇବାକୁ ଦେଇଥାନ୍ତି। ତେବେ ଆଧୁନିକ ସମାଜରେ ଏହାକୁ 'ବେବି ସାୱାର' କହି ପାଳନ କରୁଛନ୍ତି। ■








## ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ

ପୁରୀ ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ ବିଧିମତେ ପାଳିତ ହୁଏ । ପୌରାଣିକ ମାନ୍ୟତା ଅନୁସାରେ ପ୍ରଭୁ ମାଧବାନନ୍ଦ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାମୁଁ । ତେଣୁ ନିଆଳୀର ଶ୍ରୀ ମାଧବାନନ୍ଦଜୀଉ ପୀଠରୁ ସ୍ୱତନ୍ତ୍ର ନୀତିକାନ୍ତି ପରେ ଶ୍ରୀମନ୍ଦିରକୁ ପ୍ରଥମାଷ୍ଟମୀ ପୂର୍ବଦିନ ପୋଢୁଆଁ ଭାର ଯାଏ । ଚତୁର୍ଦ୍ଧା ମୂର୍ତ୍ତିଙ୍କ ଉଦ୍ଦେଶ୍ୟରେ ପାଟବସ୍ତ୍ର, ପିଠା ପାଇଁ ବିରି, ନଡ଼ିଆ, ଗୁଡ଼, ଛେନା, କଦଳୀ ସହିତ ବିଭିନ୍ନ ପ୍ରକାରର ଫଳମୂଳ, ତୁଳସୀ, ଫୁଲ, ଚନ୍ଦନ, ଅଗୁର ଆଦି ଭାରରେ ଦିଆଯାଏ । ସେଭଳି ପ୍ରଥମାଷ୍ଟମୀରେ ଭୁବନେଶ୍ୱରର ଶ୍ରୀଲିଙ୍ଗରାଜ ମହାପ୍ରଭୁ ପୋଢୁଆଁ ହୁଅନ୍ତି । ଲିଙ୍ଗରାଜ ମହାପ୍ରଭୁ ପୋଢୁଆଁ ହେବା ପାଇଁ ଏହି ଦିନ ତାଙ୍କ ମାମୁଁଘର 'କପାଳିମଠ'କୁ ଯାତ୍ରା କରନ୍ତି । ମଠର ଆରାଧ ଦେବତା ବରୁଣେଶ୍ୱର ଓ ବନଦେବ ।



# ପ୍ରଥମାଷ୍ଟମୀରେ ପୋଢୁଆଁ ଭାର

ଉତ୍କଳୀୟ ପରମ୍ପରାରେ ବାର ମାସରେ ତେର ପର୍ବ । ସେଥିମଧ୍ୟରୁ ମାର୍ଗଶିର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ପାଳିତ ହୁଏ 'ପ୍ରଥମାଷ୍ଟମୀ' । ଓଡ଼ିଆ ପଞ୍ଜିକା ଅନୁସାରେ ମାର୍ଗଶିରକୁ ବର୍ଷର ଆଦ୍ୟମାସ ବା ପ୍ରଥମ ମାସ ଭାବରେ ଗଣନା କରାଯାଏ । ତେଣୁ ବର୍ଷର ପ୍ରଥମ ଅଷ୍ଟମୀକୁ ପ୍ରଥମାଷ୍ଟମୀ ବୋଲି କୁହାଯାଇଥାଏ । ପ୍ରତ୍ୟେକ ଓଡ଼ିଆ ଘରେ ଏହା ଏକ ପ୍ରମୁଖ ପର୍ବ । ଏହି ଦିନ ଘରର ପ୍ରଥମ ଜାତ ସନ୍ତାନ ବା ଜ୍ୟେଷ୍ଠପୁତ୍ର-କନ୍ୟାମାନଙ୍କୁ ନୂତନ ବସ୍ତ୍ର ପରିଧାନ କରାଇ ବନ୍ଦାପନା କରାଯାଏ । ଘରେ ଘରେ ପିଠାପଣା ହୋଇଥାଏ । ପୋଢୁଆଁ ବା ପଢୁଆଁ ଭାର ମାମୁଁ ଘରୁ ଆସିବାର ପରମ୍ପରା ରହିଛି । ପ୍ରଥମାଷ୍ଟମୀ ସୌଭାଗିନୀ ଅଷ୍ଟମୀ, କାଳ ଭୈରବାଷ୍ଟମୀ, ପାପନାଶିନୀ ଅଷ୍ଟମୀ ବା ପୋଢୁଆଁଷ୍ଟମୀ ଭାବେ ନାମିତ ।

## ମାମୁଁ ଆଣନ୍ତି ପୋଢୁଆଁ ଭାର

ପରମ୍ପରା ଅନୁଯାୟୀ ପ୍ରତିବର୍ଷ ପ୍ରଥମାଷ୍ଟମୀରେ ମାମୁଁଘର ପକ୍ଷରୁ ବଡ଼ ଭଣଜା ଓ ଭାଣିଜୀଙ୍କୁ ପୋଢୁଆଁ କରିବାର ପରମ୍ପରା ରହିଆସିଛି । ଜ୍ୟେଷ୍ଠ ସନ୍ତାନମାନଙ୍କ ସୁଖ ସମୃଦ୍ଧି କାମନା ସହ ଦୀର୍ଘଜୀବନ କାମନା କରିବା ପାଇଁ ପୂଜାବିଧି ପାଳନ ହୋଇଥାଏ । ଏଥିପାଇଁ ମାମୁଁଘରୁ ନୂଆ ପୋଷାକ, ଏଣ୍ଡୁରି ପିଠା ପାଇଁ ସମସ୍ତ ସାମଗ୍ରୀ, ନାନାପ୍ରକାର ମିଠା, ଫୁଲ, ଖଇ ଉଖୁଡ଼ା, ଅରୁଆ ଚାଉଳ, ପୂଜା ସାମଗ୍ରୀ ସହିତ ସାରୁ, ମାଟିଆଳୁ, କଖାରୁ, ମୂଳା, ବାଇଗଣ, ଫଳମୂଳ ଆଦି ଆସିଥାଏ । ଝିଅମାନଙ୍କ ପାଇଁ ନାନା ସଜବାଜ ଦରବ ଆସୁଥିଲା । ମିଠା, ଭୋଗ ପ୍ରଥମେ ଦିଅଁଙ୍କ ପାଖେ ପୂଜା ହୁଏ । ମାଆମାନେ ଘରେ କଳସ ବସାଇ ଷଠି ଦେବୀଙ୍କର ପୂଜାର୍ଚ୍ଚନା କରିଥାନ୍ତି । ପଞ୍ଚପଲ୍ଲବ ଓ ପଞ୍ଚଶସ୍ୟରେ କଳସପୂଜା ଓ ବରୁଣ ପୂଜା ହୋଇଥାଏ । ପଢୁଆଁ ପୁତ୍ର-କନ୍ୟାଙ୍କୁ କାନରେ ଫୁଲ, କପାଳରେ ଚନ୍ଦନ ଲଗାଇ ଦୂବ, ବରକୋଳି ପତ୍ର ଓ ହଳଦୀମିଶା ଚାଉଳ ମିଶାଇ ସେଥିରେ ମା' ଓ ଜେଜେମାଆମାନେ ଏହି ପୂଜାବିଧି ସମ୍ପାଦନ କରିଥାନ୍ତି । ଜ୍ୟେଷ୍ଠ ସନ୍ତାନ ଷଠି ଦେବୀଙ୍କୁ ମୁଣ୍ଡିଆ ମାରିବା ସହିତ ଗୁରୁଜନଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ଭିକ୍ଷା କରନ୍ତି । ପ୍ରଥମାଷ୍ଟମୀ ଉପଲକ୍ଷେ ହଳଦୀପତ୍ରରେ ଏଣ୍ଡୁରି ପିଠା ହୋଇଥାଏ । ଏଣ୍ଡୁରି ପିଠା ପାଇଁ ଯେଉଁ ସ୍ୱତନ୍ତ୍ର ଅଥାର ହାଣ୍ଡି ପ୍ରସ୍ତୁତ କରାଯାଏ, ସାତଦିନ ଧରି ତାହା ରହେ ଏବଂ ସେଥିରେ ପିଠା ପ୍ରସ୍ତୁତ କରାଯାଏ । ସପ୍ତମ ଦିନ ଏହି ଅଥାର ହାଣ୍ଡି ଭଙ୍ଗାଯାଏ । ଭୋଗ ହେବା ପରେ ଏହାକୁ ସମସ୍ତେ ଖୁସିରେ ଖାଆନ୍ତି ।



ବିବାହର ପ୍ରଥମ ବର୍ଷ ମଧ୍ୟ ପଢୁଆଁ ଭାର ଦିଆଯାଏ । ଝିଅ ଓ ଜ୍ୱାଇଁଙ୍କ ପାଇଁ ପୋଷାକ ସହିତ ନାନା ମିଠା ଭାର ଦିଆଯାଇଥାଏ । ଏବେ ଡିଜିଟାଲ୍ ଯୁଗରେ ମାମୁଁଘରୁ ପ୍ରଥମାଷ୍ଟମୀ ପାଇଁ ଟଙ୍କା ପଠାଇ ଦିଆଯାଉଛି ।

### "ପ୍ରଥମାଷ୍ଟମୀର ସେ ସରାଗ ନାହିଁ"



ମୁଁ ଆମ ଘରର ବଡ଼ ପୁଅ । ତେଣୁ ମାମୁଁଘରୁ ସାର୍ଟପ୍ୟାଣ୍ଟ, ହଳଦୀପତ୍ର, ବିରି, ଅରୁଆଚାଉଳ, ନଡ଼ିଆ ଆଦି ଆସିଥାଏ । ଷଠିଦେବୀଙ୍କ ପାଖେ ଜେଜେମାମାନେ ବନ୍ଦାପନା କରି ଏଣ୍ଡୁରିପିଠା ଭୋଗ ଲଗାନ୍ତି । ମାମୁଁଘର ବିରି ଆସିଲେ, ଆମ ଘରେ ବଡ଼ି ପରା ହେଉଥିଲା । ମୁଁ ମୋ ସାଙ୍ଗମାନଙ୍କ ସହ ସାହି ସାହି ବୁଲି ଏଣ୍ଡୁରି ପିଠାକୁ ସୁଆଦିଆ ତରକାରି ଖାଉଥିଲି । ଏବେ ତ ସମସ୍ତେ ନିଜ ନିଜ ଧନ୍ଦାରେ ବ୍ୟସ୍ତ । ତେଣୁ ପ୍ରଥମାଷ୍ଟମୀର ସେ ସରାଗ ନାହିଁ । ■

**ଡା. ଶୁଭକାନ୍ତ ଦାସ**, ଭୁବନେଶ୍ୱର

### "ଶଙ୍ଖ ଫୁଙ୍କିଲେ ଘର ଚଳୁଥିଲା"



ଆଗରୁ ବାହାଘର, ଅଷ୍ଟମଙ୍ଗଳା ତଥା ଅନ୍ୟାନ୍ୟ ଭାର ସହିତ ଶଙ୍ଖୁଆଙ୍କୁ ଖୋଜାଯାଉଥିଲା । ଶଙ୍ଖ ଫୁଙ୍କି ଭାର ନେଇ ସଠିକ୍ ସ୍ଥାନରେ ପହଞ୍ଚାଉଥିଲୁ । ସାହି ପଡ଼ିଶାରେ ହୁଳହୁଳି ଦେଇ ଭାରକୁ ଗ୍ରହଣ କରୁଥିଲେ । ଆଖ ପାଖ ଅଞ୍ଚଳରେ ଶଙ୍ଖୁଆ ଚାନ୍ଦମଣି ନାଁରେ ଲୋକେ ମୋତେ ଚିହ୍ନୁଥିଲେ । ତେବେ ବିବାହ, ବ୍ରତ, ଲଗ୍ନ, ଚତୁର୍ଥୀ, ରଜ, ଅଷ୍ଟମୀ, କୁମାର ପୂର୍ଣ୍ଣିମା, ସାଦଭାରରେ ବିଧି ଅନୁଯାୟୀ ନିରନ୍ତର ଶଙ୍ଖ ଫୁଙ୍କିବାକୁ ଶଙ୍ଖୁଆମାନଙ୍କର ଆବଶ୍ୟକତା କେଉଁ କାଳରୁ ରହି ଆସିଛି । ତିରିଶ ବର୍ଷ ଧରି ଆଖ ପାଖ ଗାଁ ସମେତ ଧାମରା, ବାଲେଶ୍ୱର, କଟକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ଅଧିକାଂଶ ଶୁଭ କାର୍ଯ୍ୟରେ ଶଙ୍ଖୁଆ ଭାବେ କାମ ତୁଲାଇଛି । କିଏ କେମିତି ପାରିଶ୍ରମିକ ସହିତ ଅତିବେଶୀରେ ଧୋତି ଖଣ୍ଡେ ଦେଇଥାନ୍ତି । ଆଜିକାଲି ପୂର୍ବ ଅପେକ୍ଷା ଶଙ୍ଖ ଫୁଙ୍କିବାର ପରମ୍ପରା ଅଧିକ ଚାହିଦା ଥିଲେ ବି ବୟସାଧିକ ଯୋଗୁଁ ଦୂର ବାଟ ଯାଇ ପାରୁନାହିଁ । କି ଆଗ ଭଳି ଅଧିକ କାମ ପାରୁନାହିଁ । ■

**ଚିନ୍ତାମଣି ଜେନା**, ବାମ୍ଫିସାହି, ଚାନ୍ଦବାଲି

### "ଫୋନ୍ ପେ'ରେ ଆସୁଛି ପ୍ରଥମାଷ୍ଟମୀ ଟଙ୍କା"



ମୁଁ ବାପାମାଙ୍କର ବଡ଼ ଝିଅ । ମୋର ସାନ ଭାଇଟେ ଅଛି । ପ୍ରଥମାଷ୍ଟମୀ ଗୋଟିଏ ଦିନ ଯେଉଁଦିନ ଖୁବ୍ ମଜା ଆସେ । ସେଦିନ କେବଳ ମୋର ପୂଜା ହୁଏ । ଭାଇ ସାଇଟ୍‌ରେ ଛିଡ଼ା ହୋଇ ଦେଖେ । ବାପାମା' କହୁଥିଲେ ଆଗରୁ ମାମୁଁ ମୋ ପାଇଁ ଆମ ଘରକୁ ସବୁକିଛି ନେଇ ଆସୁଥିଲେ । ପିଠା ସହିତ ଯେଉଁ ତରକାରି ହୁଏ ବହୁତ ସ୍ୱାଦ ଲାଗେ । ମାମୁଁ ଓ ଆମେ ସମସ୍ତେ ମିଳିମିଶି ଖାଉଥିଲୁ । ଏବେ ମାମୁଁ ଫୋନ୍ ପେ'ରେ ଟଙ୍କା ପଠାଇ ଦେଉଛନ୍ତି । ମୋର ଯାହା ଇଚ୍ଛା ମୁଁ କିଣୁଛି । ■

**ଲିପ୍ସା ଦାସ**, ଭୁବନେଶ୍ୱର





# ମା' ସାଆନ୍ତାଣୀଙ୍କ ଭାର

**କ୍ଷୀରସିନ୍ଧୁ ମହାନ୍ତି, ବ୍ରହ୍ମପୁର**

ବ୍ରହ୍ମପୁରର ପ୍ରସିଦ୍ଧ ମା' ବୁଢ଼ୀ ଠାକୁରାଣୀ ଯାତ୍ରାର ଅନେକ କିମ୍ବଦନ୍ତୀ ଓ ଇତିହାସ ରହିଛି । କନ୍ୟା ପୂଜନର ସମସ୍ତ ନୀତିକାନ୍ତି ଓ ପରମ୍ପରା ଦେଖିବାକୁ ମିଳେ । ଯାତ୍ରା ସମୟରେ ଝିଅ ବାପଘରକୁ ଆସିବା, କୁଣିଆ, ମଇତରଙ୍କ ଘରକୁ ଯିବା, ମାଉସୀ ମା' ଘରେ ପୋଡ଼ପିଠା ଖାଇବା, ପାର୍ଶ୍ୱ ଦେବଦେବୀ ତଥା ମା'ଙ୍କ ଭଉଣୀମାନଙ୍କୁ ନିମନ୍ତ୍ରଣ କରିବା ଆଦି ଅନେକ ପରମ୍ପରା ଦେଖିବାକୁ ମିଳେ । ମା' ଗଲା ବେଳେ ମଧ୍ୟ ସମସ୍ତଙ୍କ ଆଖିରେ ଆଖିଏ ଲୁହ ଓ ମନରେ ଅସରନ୍ତି କୋହ ଦୃଷ୍ଟିଗୋଚର ହୁଏ । ଦୁଇବର୍ଷକୁ ଥରେ ବାପ ଘର ଦେଶୀବେହେରା ସାହିକୁ ଆସୁଥିବା ମା' ଗଲାବେଳେ ସମସ୍ତେ ଭାବବିହ୍ୱଳ ହୋଇଯାଆନ୍ତି । ମନଦୁଃଖର ସହିତ ମା'ଙ୍କୁ ସ୍ୱମନ୍ଦିର ଅର୍ଥାତ୍ ଶାଶୁଘରେ ବିଦାୟ ଦେଇଥାନ୍ତି । ଝିଅ ବାପଘରକୁ ଯିବାର କଷ୍ଟ ସମସ୍ତେ ଅନୁଭବ କରିଛନ୍ତି ।

## ବାପଘରୁ ଭାର ଦେବା ପରମ୍ପରା

ମା'ଙ୍କ ଗମନ ବେଳେ ବାପ ଘର ଅର୍ଥାତ ଦେଶୀବେହେରା ପରିବାର ପକ୍ଷରୁ ମା'ଙ୍କୁ ଭାର ଦିଆଯାଇଥାଏ । ବାପଘରୁ ଯୋଗାଡ଼, ଜଉତୁକ ଦେଇ ମା'ଙ୍କୁ ବିଦାୟ ଦିଆଯାଇଥାଏ । ଯୋଗାଡ଼ ବା ଭାରରେ ଫଳମୂଳ, ଟଙ୍କା, ନୈବେଦ୍ୟ, ଫୁଲ ଭଳି ଯାବତୀୟ ସାମଗ୍ରୀ ସ୍ଥାନ ପାଇଥାଏ । ଯାତ୍ରାର ଏହା ଏକ ସ୍ୱତନ୍ତ୍ର ପରମ୍ପରା । କାହିଁ କେଉଁ ଅନାଦି କାଳରୁ ଏହି ପରମ୍ପରା ପ୍ରଚଳିତ ହୋଇଆସୁଛି । ଏହି ସମୟରେ ଦେଶୀବେହେରା ଦମ୍ପତି ଝିଅକୁ ଶାଶୁ ଘର ଛାଡ଼ିବାର କଷ୍ଟକୁ ଅନୁଭବ କରିଥାନ୍ତି । ମା'ଙ୍କୁ ବିଦାୟ ଦେବା ସମୟରେ ସମଗ୍ର ବଡ଼ବଜାର ଅଞ୍ଚଳର ଶ୍ରଦ୍ଧାଳୁ ଭାବବିହ୍ୱଳ ହୋଇଥାନ୍ତି । ରାଜଦର୍ଶନ ସମ୍ପନ୍ନ ପରେ ମା' ବୁଢ଼ୀ ଠାକୁରାଣୀ ତାଙ୍କ ମାଉସୀ ମା' ଘରକୁ ଯାଆନ୍ତି । ସେଠାରେ ମାଉସୀ ମା'ଙ୍କୁ ମେଲାଣି ଦେଇଥାନ୍ତି । ଏଠାରେ ପୋଡ଼ପିଠା ସମେତ ଅନ୍ୟାନ୍ୟ ଭୋଗ ଲାଗି ହୋଇଥାଏ । ଏହା ମା'ଙ୍କ ପ୍ରିୟ ଭୋଗ ବୋଲି କୁହାଯାଏ ।

## ଜଉତୁକ ବେଶ

ବୁଢ଼ୀ ଠାକୁରାଣୀ ଯାତ୍ରାର ଶେଷ ଆକର୍ଷଣ ହେଉଛି ଜଉତୁକ ବେଶ । ଏହି ବେଶଧାରୀ ଏକ କୁକୁଡ଼ାକୁ ବାଉଁଶ ସାହାଯ୍ୟରେ ଧରି ମା'ଙ୍କ ସହ ଯାଇଥାନ୍ତି । ଘଟ ପରିକ୍ରମା ସାରି ମା' ସ୍ୱମନ୍ଦିରରେ ପ୍ରବେଶ କଲାପରେ ସେଠାରେ ମା'ଙ୍କୁ କୁକୁଡ଼ା ସମର୍ପଣ କରାଯାଇଥାଏ । ଦେଶୀବେହେରା ଦମ୍ପତିଙ୍କ ପକ୍ଷରୁ ଚାଙ୍ଗୁଡ଼ିରେ ମା'ଙ୍କୁ ଅଣାଯାଇଥିବା ବେଳେ ଘଟରେ ମା' ଫେରିଥାନ୍ତି ସ୍ୱମନ୍ଦିର । ମା'ଙ୍କ ଯିବା ପୂର୍ବରୁ ଭାର ପରମ୍ପରା ପ୍ରଦର୍ଶନ ପୂଜନ ଆଦି ଅନେକ ବିଧି ରହିଥିବା ବେଳେ ପ୍ରଥମେ ମଙ୍ଗଳ ଆଳତି ପରେ ବାଲଭୋଗ, ଅନ୍ନଭୋଗ ଲାଗି ହୋଇଥାଏ । ଯାତ୍ରାର ଶେଷ ଦିନରେ ପରମ୍ପରା ଅନୁସାରେ ଶହସ୍ରାକ୍ଷ ଘଟ ପୂଜାର୍ଚ୍ଚନା ମଧ୍ୟ କରାଯାଏ । ଦେଶୀବେହେରାଙ୍କ ଘରେ ସକାଳୁ ଏହି ଘଟର ପୂଜା କରାଯାଏ । ମା'ଙ୍କୁ ଫେରିଯିବା ପାଇଁ ଏହି ଘଟ ଡାକରା ଆସିଥାଏ । ଯାତ୍ରାରେ ଯିବା ସମୟରେ ପ୍ରଥମେ ଏହି ଘଟ ଯାଇଥିଲା । ପରେ ମା'ଙ୍କ ଘଟ ଓ ପାର୍ଶ୍ୱଘଟ ଆଦି ରହିଥାଏ ।



## ସାବିତ୍ରୀ ଭାରରେ କାଠ ପାନିଆ



ଓଡ଼ିଆ ସଂସ୍କୃତି ପରମ୍ପରା, ପୂଜାପଦ୍ଧତି ଓ ବ୍ରତର ସ୍ୱତନ୍ତ୍ରତା ରହିଛି । ଏଥିମଧ୍ୟରୁ ସାବିତ୍ରୀ ଅମାବାସ୍ୟା ଅନ୍ୟତମ । ସ୍ୱାମୀଙ୍କ ଉଦ୍ଦେଶ୍ୟରେ ଏହି ବ୍ରତ ପାଳନ କରାଯାଉଛି । ତେବେ ଏହାର ମୁଖ୍ୟ ଆକର୍ଷଣ ହେଉଛି ଅମାବାସ୍ୟା ଭାର ବା ଯୋଗାଡ଼ । ବାପ ଘରୁ ଆସିଥିବା ଭାରକୁ ନେଇ ବୋହୂଟିଏ ଏହି ବ୍ରତ କରିଥାଏ । ସେହି ଯୋଗାଡ଼ର ପ୍ରସ୍ତୁତି ମଧ୍ୟ ନିଆରା । ସେଥିରେ ସାମିଲ ଥିବା ଅନେକ ଜିନିଷ ବିଷୟରେ ଆଜିକା ସମାଜର ଲୋକେ କିଛି ମାତ୍ରାରେ ଅଜ୍ଞ । ସେଥିମଧ୍ୟରୁ ସାବିତ୍ରୀ ଭାରରେ କାଠ ପାନିଆ ଦେବା ଏକ ଅନନ୍ୟ ପରମ୍ପରା । ସାଧରଣତଃ ସାବିତ୍ରୀ ଭାର ବା ଅମାବାସ୍ୟା ଭାରରେ କାଠ ପାନିଆ, ଦର୍ପଣ, କାଠ ଫରୁଆ, କଳାମାଳି, କଳାକାଚ, ସିନ୍ଦୂର ସହିତ ଅନ୍ୟାନ୍ୟ ବ୍ୟବହାର୍ଯ୍ୟ ଜିନିଷ ରହିଥାଏ । ତେବେ ସଂପ୍ରତି ଆଧୁନିକ ଯୁଗରେ ମଧ୍ୟ ଗାଁଠୁ ସହର ସବୁଠି ସାବିତ୍ରୀ ଭାରର ବିଧି ପ୍ରଚଳିତ । ଗଞ୍ଜାମ ଜିଲ୍ଲାରେ ଏହା ଏକ ପ୍ରଥା ଭାବେ ପ୍ରଚଳିତ ହୋଇ ଆସିଛି । ଏଥିମଧ୍ୟରୁ କାଠ ପାନିଆ ଅନ୍ୟତମ । କାଠ ସବୁବେଳେ ଶୁଭ ବୋଲି ଲୋକଙ୍କ ମନରେ ବିଶ୍ୱାସ ରହିଛି । ପୂର୍ବରୁ ପାନିଆ କେବଳ ଆମ୍ବ କାଠରେ ତିଆରି ହେଉଥିବା ବେଳେ କାଳକ୍ରମେ ଅନ୍ୟ କାଠରେ ମଧ୍ୟ ପ୍ରସ୍ତୁତ ହେଉଥିଲା । ଯେଉଁମାନେ ଏହି ବ୍ରତ କରୁଥିଲେ ସେମାନେ ଭାରି ନିଷ୍ଠାର ସହ ରହିଥାନ୍ତି । ତେଲ ବ୍ୟବହାର ନ କରିବା ସହ ଉପବାସ ରହି ଏହି ପୂଜାରେ ନିଜକୁ ସାମିଲ କରୁଥିଲେ । ସେହି ସମୟରେ କୁକୁଡ଼ି କାଇଲୁ ବା ମୁକ୍ତାମଞ୍ଜିରେ ମୁଣ୍ଡ ସଫା କରିବା ସଙ୍ଗେ ସଙ୍ଗେ କାଠ ପାନିଆ ବ୍ୟବହାର କରୁଥିଲେ । ଏହି ପରମ୍ପରା ଆଜି ବି ଗାଁ ଗହଳିରେ ବଞ୍ଚି ରହିଛି । ■



## ଗଞ୍ଜାମରେ ପ୍ରଚଳିତ ଅନ୍ୟାନ୍ୟ ଭାର

ସଂସ୍କୃତି ଓ ପରମ୍ପରା ସମ୍ପନ୍ନ ଗଞ୍ଜାମ ଜିଲ୍ଲାରେ ଅନେକ ସମୟରେ ଭାର ଦିଆନିଆ ହୁଏ । ବିଭିନ୍ନ ସମ୍ପ୍ରଦାୟ କେବଳ ସାବିତ୍ରୀ ଅମାବାସ୍ୟା ନୁହେଁ, ଜନ୍ମାଷ୍ଟମୀ, ଜ୍ୟୋଷ୍ଠ ପୂର୍ଣ୍ଣିମା, ପ୍ରଥମାଷ୍ଟମୀରେ ମଧ୍ୟ ଝିଅ ଘରକୁ ଭାର ଦେଇଥାନ୍ତି । ବାହାଘର ପୂର୍ବରୁ ମଧ୍ୟ ମାଛ ଓ ମିଠା ଭାର ଦେବାର ଅନନ୍ୟ ପରମ୍ପରା ଗଞ୍ଜାମ ଜିଲ୍ଲାର ବିଭିନ୍ନ ସମ୍ପ୍ରଦାୟରେ ଦେଖିବାକୁ ମିଳେ । ସେହିଭଳି ତେଲୁଗୁ ସମ୍ପ୍ରଦାୟର ଲୋକେ ମକର ସମୟରେ ମଧ୍ୟ ଭାର ଦେବାର ସ୍ୱତନ୍ତ୍ର ପରମ୍ପରା ରହିଛି ।





# ଦେବବିବାହରେ 'ଭାର'

ସୁକାନ୍ତ କର, ସମ୍ବଲପୁର

ଉତ୍କଳୀୟ ସଂସ୍କୃତିରେ 'ଭାର' ପ୍ରଥା ବହୁ ଦିନରୁ ପ୍ରଚଳିତ । ସାମାଜିକ ଜୀବନରେ 'ଭାର' ପରମ୍ପରା ବେଶ୍ ଗୁରୁତ୍ୱପୂର୍ଣ୍ଣ । ହୃଦୟର ଗହ୍ୱରରୁ ଉଚ୍ଛୁଳି ପଡୁଥିବା ଏକ ଆନନ୍ଦ । ନିଜ ଲୋକଙ୍କୁ ଅଧିକ ଆପଣାର କରି ସମ୍ପର୍କକୁ ନିବିଡ଼ କରିବାର ଏକ ମାଧ୍ୟମ ହୋଇଯାଇଛି 'ଭାର' । ବାହାରେ ରହୁଥିବା ବାପା କିମ୍ବା ଭାଇ ବହୁଦିନ ପରେ ଘରକୁ ଆସିବାର ଥିଲେ ଏବଂ ଅନେକ ଗୁଡ଼ାଏ ମନପସନ୍ଦର ସାମଗ୍ରୀ ନେଇ କି ଆସୁଥିଲେ, ମା' ପଚାରିଥାନ୍ତି – କ'ଣ ତୋ ପାଇଁ 'ଭାର' ନେଇ ଆସିବେ ବୋଲି ଅପେକ୍ଷା କରିଛୁ । ସେହି 'ଭାର' ପ୍ରଥା ଆମ ଦୈନନ୍ଦିନ ଜୀବନରୁ ଆଉ ପାଦଟିଏ ଆଗେଇ ଯାଇ ଏବେ ଦେବଲୋକରେ ପହଞ୍ଚିଗଲାଣି । ଦେବବିବାହରେ ମଧ୍ୟ ଏହି ଭାର ତା'ର ପ୍ରାଧାନ୍ୟ ବିସ୍ତାର କରିଛି ।

## ମଉଳା ଭାର

ଦେଶ ବିଦେଶରେ ପ୍ରସିଦ୍ଧ ସମ୍ବଲପୁରର ଶୀତଳଷଷ୍ଠୀ ଯାତ୍ରା । ଦେବ ଦେବ ମହାଦେବ ଓ ଜଗଜ୍ଜନନୀ ମାତା ପାର୍ବତୀଙ୍କ ଲୌକିକ ରୀତିନୀତିରେ ଆଷାଢ଼ ଶୁକ୍ଳ ପକ୍ଷ ପଞ୍ଚମୀ ଗତେ ଷଷ୍ଠୀ ତିଥିରେ ଶୁଭ ଲଗ୍ନରେ ବିବାହ ହୋଇଥାଏ । ସାମାଜିକ ଜୀବନରେ ହେଉଥିବା ସାଧାରଣ ବିବାହ ଭଳି ରୀତିନୀତିରେ ଏହା ଆୟୋଜନ କରାଯାଇଥାଏ । ପ୍ରତିବର୍ଷ ବର ପିତାମାତା ଓ କନ୍ୟା ପିତାମାତାମାନଙ୍କୁ ମନୋନୀତ କରାଯାଇଥାଏ । ଶୀତଳଷଷ୍ଠୀ ସମୟରେ ଶିବାଳୟଗୁଡ଼ିକ ଉତ୍ସବମୁଖର ହୋଇ ଉଠିଥାଏ । ମହାଦେବ ବାବାଙ୍କ ବରାତିରେ ଦେବତାଙ୍କଠାରୁ ଆରମ୍ଭ କରି ନର, ରାକ୍ଷସ, କିନ୍ନରମାନେ ଯୋଗ ଦେଇଥାନ୍ତି । ଏହି ରୀତିନୀତି ମଧ୍ୟରେ ମାମୁଁ ଘରୁ ଆସୁଥିବା ମଉଳା ଭାରଠାରୁ ଆରମ୍ଭ କରି କନ୍ୟାଦାନ ପରେ ଯାଉଥିବା ଯାନିଯୌତୁକ ଭାର ମଧ୍ୟ ସାମିଲ ହୋଇଥାଏ । ସାଧାରଣ ଘରମାନଙ୍କରେ କନ୍ୟା ବିବାହ ଭଳି ଏଠାରେ ମଧ୍ୟ ଜଗଜ୍ଜନନୀ ମାତା ପାର୍ବତୀଙ୍କ ପିତାମାତା ଘରକୁ ମାମୁଁଘରୁ 'ମଉଳା ଭାର' ଆସିଥାଏ । ନିଜ ଶକ୍ତି ଅନୁଯାୟୀ ଭୋଜି ପାଇଁ ଚାଉଳ, ଡାଲି, ମୁଗ, ତେଲ, ଘିଅ, ପନିପରିବାଠାରୁ ଆରମ୍ଭ କରି ଝିଅ ପାଇଁ ବସ୍ତ୍ର ଓ ସୁନାରୁପା ଅଳଙ୍କାର ମଧ୍ୟ ରହିଥାଏ । ସେଥିରେ ଫଳମୂଳ ମଧ୍ୟ ଆସିଥାଏ ।



## ଯାନିଯୌତୁକ ଭାର

ବିବାହୋତ୍ସବ ପରେ କନ୍ୟା ବିଦା କରିବା ସମୟରେ 'ଯାନିଯୌତୁକ ଭାର' ଦିଆଯାଇଥାଏ । ପ୍ରତିବର୍ଷ ଶୀତଳଷଷ୍ଠୀରେ କନ୍ୟା ପିତାମାତା ସେମାନଙ୍କ ସାଧମତେ ଝିଅକୁ ସମସ୍ତ ସାମଗ୍ରୀ ଦେଇଥାନ୍ତି । ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ଲୌକିକ ଦେବ ବିବାହରେ କନ୍ୟାଦାନ ପାଇଁ ପଲଙ୍କଠାରୁ ଆରମ୍ଭ କରି ସମସ୍ତ ଘରକରଣା ସାମଗ୍ରୀ ଏବଂ ସୁନା ଓ ରୁପାର ମାଳି, ମୁଦି, କାନଫୁଲ, ମଥାମଣି, ପାଉଁଜି ଆଦି ଗହଣା, ତ୍ରିଶୂଳ, ଡମ୍ବରୁ, କଠଉ, ଲୁଗାପଟା, ମୁକୁଟ, ଖଇ, ଲଡୁ, ଶିଳ, ଶିଳପୁଆ, ଅଳତା, ସିନ୍ଦୂର ଆଦି ରହିଥାଏ । ଏହି ଯାନି ଯୌତୁକ ଆଦି ବିଭିନ୍ନ ଉପହାର ଓ ଅତ୍ୟାବଶ୍ୟକ ସାମଗ୍ରୀ ବାହାଘର ପରେ ଜଗଜ୍ଜନନୀ ମାତା ପାର୍ବତୀଙ୍କୁ ବିଦାୟ ଦେବାବେଳେ ସାଧାରଣ କନ୍ୟା ବିବାହ ଭଳି ଗାଡ଼ିରେ ବୋଝେଇ କରି ଭାର ଯାଉଥିବା ଦେଖିବାକୁ ମିଳିଥାଏ । ଉଲ୍ଲେଖଯୋଗ୍ୟ ଯେ, ସାଧାରଣରେ ଉତ୍କଳୀୟ ଓ ଆରଣ୍ୟକ ପରମ୍ପରାର ବିବାହୋତ୍ସବରେ କିଛି ମାତ୍ରାରେ ଭିନ୍ନ ଭିନ୍ନ ବିଧି ରହିଛି ।

## ପତର୍‌ପେଡିଁ ଭାର

ଶୀତଳଷଷ୍ଠୀ ଯାତ୍ରା ପରମ୍ପରାରେ 'ଭାର'ର ଏକ ନିର୍ଦ୍ଦିଷ୍ଟ ମହତ୍ତ୍ୱ ଓ ଗୁରୁତ୍ୱ ରହିଛି । ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି ଅକ୍ଷୟ ତୃତୀୟାରେ 'ଥାଳଉଠା' ସହ ଆରମ୍ଭ ହେଉଥିବାବେଳେ ମୁଖ୍ୟ ଦେବବିବାହ ରୀତିନୀତି 'ପତର୍‌ପେଁଡି'ରେ ଆରମ୍ଭ ହୋଇଥାଏ । ବିବାହର ପ୍ରଥମ ଭାର 'ପତର୍‌ପେଡିଁ ଭାର' ହିଁ ଯାଇଥାଏ । ଦେବ ଦେବ ମହାଦେବଙ୍କ ବରପିତା କନ୍ୟା ଅନ୍ୱେଷଣ ଓ ନିର୍ବନ୍ଧ ପାଇଁ ବାହାରିଥାନ୍ତି । ତାଙ୍କ ସହ ସପ୍ତଋଷି ମଧ୍ୟ ଯାଇଥାନ୍ତି । ଫଳମୂଳ, ପିଠା, ଖଜା, ଗୁଡ଼, ଲିଆ ଓ ସର୍ଗିପତ୍ର ଆଦି ଯାଇଥାଏ । ଏହି ଭାର ନେଇ ସେମାନେ କନ୍ୟା ଘରକୁ ଯାଇ ଶ୍ଳୋକ ଓ ଉପାଖ୍ୟାନ ବର୍ଣ୍ଣନା ମାଧ୍ୟମରେ ବିଭିନ୍ନ ରୀତି ପରେ ସର୍ଗିପତ୍ର ପ୍ରଦାନ କରିଥାନ୍ତି । ଏଠାରେ ଏକ ପ୍ରକାର ନିର୍ବନ୍ଧ ସମାପନ ହୋଇଥାଏ ।



## ଗନ୍ଧଷଣ ଭାର

ଆରଣ୍ୟକ ବିଧି ଅନୁଯାୟୀ, କନ୍ୟାଘରୁ ବରଘରକୁ 'ଗନ୍ଧଷଣ ଭାର' ଯାଇଥାଏ । ଏଥିରେ ବରକୁ ବରଣ କରିବା ପାଇଁ ଧୋତି, ଗାମୁଛା, ନଡ଼ିଆ, ସୁନା ମୁଦି ଆଦି ରହିଥାଏ । ସେହିପରି ବରଘରୁ କନ୍ୟାଘରକୁ ଶାଢ଼ି ଓ ଅଳଙ୍କାର ଆଦି ନେଇ ଗନ୍ଧଷଣ ଭାର ମଧ୍ୟ ଯାଇଥାଏ ।

## ଦଧିମାଛ ପିନ୍ଧାଣି ଭାର

ଉତ୍କଳୀୟ ପରମ୍ପରା ଅନୁଯାୟୀ, ଲୌକିକ ରୀତିନୀତିରେ ବିବାହ ପୂର୍ବରୁ ଦଧିମାଛ ବିଧି କରାଯାଇଥାଏ । ଏଥିରେ ବରଘରୁ କନ୍ୟା ଘରକୁ ଏକ 'ଦଧିମାଛ ପିନ୍ଧାଣି ଭାର' ଯାଇଥାଏ । ଏଥିରେ ପ୍ରତୀକାତ୍ମକ ଭାବେ ମାଛ ଓ ଦହି ସହ ଗାମୁଛା ଓ ଅନ୍ୟ ସାମଗ୍ରୀ ଦିଆଯାଇଥାଏ । ଏହା ସାଧାରଣ ବାହାଘରଗୁଡ଼ିକରେ କରାଯାଉଥିବାବେଳେ ଅନେକାଂଶରେ ଏହି ରୀତିକୁ ବାଦ୍ ମଧ୍ୟ ଦିଆଯାଇଥାଏ ।

## ହଲ୍‌ଦିଏନ୍ ଭାର

ବିବାହ ଦିନ ବରଘରୁ କନ୍ୟାଘରକୁ 'ହଲ୍‌ଦିଏନ୍ ଭାର' ଯାଇଥାଏ । ସେଥିରେ ମଧ୍ୟ ଫଳମୂଳ, ପନିପରିବା ଆଦି ସାମଗ୍ରୀ ସହ ବସ୍ତ୍ର ଆଦି ଦିଆ ଯାଇଥାଏ ।





# ପାହୁର୍ ଭାର



**ଅଭିଲାଷ ହୋତା,** ବଲାଙ୍ଗିର

ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇର ପରମ୍ପରା ଅନନ୍ୟ । ନୂଆଁଖାଇ ପାଳିବା ପୂର୍ବରୁ ଅନେକ ବିଧି ରହିଛି । ବର୍ତ୍ତମାନର ବଲାଙ୍ଗିର ଜିଲ୍ଲା ବା ପୁରାତନ ପାଟଣା ରାଜ୍ୟର ଶାସକମାନେ ଶକ୍ତି ଉପାସକ ଥିଲେ । ଶାସକମାନେ ସମଲେଶ୍ୱରୀ, ପାଟଣେଶ୍ୱରୀ, ଦଶମତୀ, କୁଶୁଙ୍ଗାଇ, ସାଉନ୍ତେଇ, ଦ୍ୱାରସେନୀ ଦେବୀଙ୍କ ଉପାସନା କରୁଥିବା ଇତିହାସରୁ ଜଣାପଡ଼େ । ସେଥିପାଇଁ ଜିଲ୍ଲାରେ ନୂଆଁଖାଇ ପର୍ବର ଏକ ସ୍ୱାତନ୍ତ୍ର୍ୟ ରହିଛି । ଏହି ପର୍ବ ପାଳନ ସମୟରେ ଆଜି ବି ରାଜରାଜୁଡ଼ା ପରମ୍ପରା ଦେଖିବାକୁ ମିଳେ । ରାଜପୁରୋହିତଙ୍କ ଦ୍ୱାରା ନବାନ୍ନ ଲଗ୍ନ ଧାର୍ଯ୍ୟ ହୋଇଥାଏ । ସେହିପରି ପୂର୍ବରୁ ରାଜାମାନେ ଦେବୀମାନଙ୍କ ପାଇଁ ସମସ୍ତ ନୂଆ ସାମଗ୍ରୀ ଆଣି ଲାଗି କରୁଥିଲେ । ଏହି ପରମ୍ପରା ଆଜି ବି ବଞ୍ଚିଛି ବଲାଙ୍ଗିର ଜିଲ୍ଲାରେ । ସ୍ଥାନୀୟ 'କୋଶଳ ସାଂସ୍କୃତିକ ସଂସଦ' ପକ୍ଷରୁ ପାହୁର୍ ଯାତ୍ରାରେ ଦେବୀମାନଙ୍କ ପାଇଁ ଆବଶ୍ୟକୀୟ ସାମଗ୍ରୀ ଶୋଭାଯାତ୍ରାରେ ଆଣି ପ୍ରଦାନ କରାଯାଇଥାଏ । ଏହି ବିଧି ଅନୁସାରେ ନୂଆଁଖାଇ ପୂର୍ବରୁ ଏକ ଭାରରେ ନୂଆଁଖାଇ ପାଇଁ ଆବଶ୍ୟକ ସାମଗ୍ରୀ ଏକ ଭାରରେ ନେଇ ସ୍ଥାନୀୟ ଦେବୀ ମନ୍ଦିରକୁ ଦିଆଯାଇଥାଏ । ଯାହାକୁ 'ପାହୁର୍ ଭାର' ବୋଲି କୁହାଯାଇଥାଏ । ଏହି ଭାରକୁ ଏକ ବିରାଟ ଶୋଭାଯାତ୍ରା ମା' ପାଟଣେଶ୍ୱରୀ, ମା' ସମଲେଶ୍ୱରୀ, ମା' ଦୁର୍ଗାଙ୍କୁ ଲାଗି କରାଯାଇଥାଏ । ଭାରରେ ଯାଇଥିବା ସାମଗ୍ରୀରେ ନୂଆଁଖାଇ ଭୋଗ ପ୍ରସ୍ତୁତ କରି ଲାଗି କରାଯାଇଥାଏ । ଯାହାକି ନୂଆଁଖାଇ ପରମ୍ପରାର ସ୍ୱତନ୍ତ୍ରତାକୁ ପ୍ରତିପାଦନ କରିଥାଏ ।

## ପାହୁର୍ ଭାର ପରମ୍ପରା

ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇର ଏକ ସ୍ୱତନ୍ତ୍ର ପରମ୍ପରା ରହିଛି । ଏହି ପରମ୍ପରା ଭିତରେ ଏକ ଭିନ୍ନ ଚିତ୍ର ଦେଖିବାକୁ ମିଳିଥାଏ, ନୂଆଁଖାଇର ଠିକ୍ ଦିନକ ପୂର୍ବରୁ । ସ୍ଥାନୀୟ ରୁଗୁଡ଼ିପଡ଼ାର ହିମାଂଶୁ ଶେଖର ପାଢ଼ୀଙ୍କ ଘରୁ ପ୍ରତିବର୍ଷ ପଞ୍ଚବାଦ୍ୟ ବାଜାର ତାଳେ ତାଳେ ଏକ ବିରାଟ ଶୋଭାଯାତ୍ରା ବାହାରିଥାଏ । ନୂଆଁଖାଇର ପୂର୍ବଦିନ ଏଥିପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥାଏ । ଇଷ୍ଟଦେବୀ ମା' ସମଲେଶ୍ୱରୀ, ମା' ପାଟଣେଶ୍ୱରୀ ଓ ମା' ଦୁର୍ଗାଙ୍କ ପାଇଁ କପଡ଼ା, ଶୃଙ୍ଗାର ସାମଗ୍ରୀ ସହ ନୂଆ ଲାଗି ପାଇଁ ନୂଆଁ ଧାନ ସହିତ ଭୋଗ ପ୍ରସ୍ତୁତି କରିବା ପାଇଁ ଚାଉଳ, ଡାଲି, ଚିନି, ଅଟା, ଘିଅ ଆଦି ସମସ୍ତ ସାମଗ୍ରୀକୁ ଭାରରେ ବୋହି ଏକ ଶୋଭାଯାତ୍ରାରେ ମନ୍ଦିର ମନ୍ଦିର ଯାଇ ଲାଗି କରାଯାଇଥାଏ । ଏହାକୁ 'ପାହୁର ଭାର୍' ବୋଲି କୁହାଯାଇଥାଏ । ନୂଆଁଖାଇ ପୂର୍ବରୁ ବଲାଙ୍ଗିରରେ ଏଭଳି ଏକ ଅନନ୍ୟ ପରମ୍ପରା ଦେଖିବାକୁ ମିଳେ ।



## ପାହୁର୍ ଇତିହାସ

ଇତିହାସରୁ ଜଣାଯାଏ ଯେ ଗଡ଼ଜାତ ସମୟରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଦିବସରେ ନବାନ୍ନ ଲାଗି କରାଯାଉଥିଲା । ସେହି ସମୟରେ ନବାନ୍ନ ପୂର୍ବରୁ ଶକ୍ତି ଉପାସକ ରାଜାମାନେ ଦେବୀମାନଙ୍କ ପାଇଁ ସମସ୍ତ ନୂଆ ସାମଗ୍ରୀ ନେଇ ମନ୍ଦିରରେ ପ୍ରଦାନ କରୁଥିଲେ । ତାହା ହିଁ ନବାନ୍ନ ସମୟରେ ବ୍ୟବହାର କରାଯାଉଥିଲା । ପରେ ପରେ ସାରା ପଶ୍ଚିମ ଓଡ଼ିଶାରେ ନବାନ୍ନ ବା ନୂଆଁଖାଇ ଗୋଟିଏ ଦିବସରେ ପାଳନ କରିବା ପାଇଁ ଧାର୍ଯ୍ୟ ହୋଇଥିଲା । ଏହିକ୍ରମରେ ବଲାଙ୍ଗିର ଜିଲ୍ଲାର 'କୋଶଳ ସାଂସ୍କୃତିକ ସଂସଦ' ପକ୍ଷରୁ ପାହୁର୍‌ର ଆୟୋଜନ କରିବାକୁ ନିଷ୍ପତ୍ତି ନିଆ ଯାଇଥିଲା । ପ୍ରାୟ ୩୫ ବର୍ଷ ହେଲା ୧୯ ୯୧ ମସିହାରୁ ଉକ୍ତ ସଂସ୍ଥା ପକ୍ଷରୁ ଏହାର ଆୟୋଜନ କରାଯାଉଥିବା ବେଳେ ସଂସ୍ଥା ଅଧ୍ୟକ୍ଷ ହିମାଂଶୁ ଶେଖର ପାଢ଼ୀଙ୍କ ଘରୁ ଏହା ବାହାରିଥାଏ । ବାଜା, ଢୋଲ, ଘଣ୍ଟ ବାଦ୍ୟ ଶୋଭାଯାତ୍ରାରେ ସାମିଲ ହୋଇଥାଏ । ସେହିଦିନଠାରୁ ଏହି ପାରମ୍ପରିକ ପାହୁର ଯାତ୍ରା ପାଳିତ ହୋଇଆସୁଛି ।

### "୩୫ ବଛର୍ ହେଲା ପାହୁର୍ ଆୟୋଜନ କରିଆସୁଛୁ"

ପାହୁର୍ ଯାତ୍ରା ହେଉଛି ନୂଆଁଖାଇର ଗୁଟେ ପରମ୍ପରା । ଇ ପରମ୍ପରା ହିସାବେ ଆମେ ଗଲା ୩୫ ବଛର୍ ହେଲା ପାହୁର ଯାତ୍ରା କରିଆସୁଛୁଁ । ଆଗରୁ ରାଜାମାନେ ପାହୁର୍ ଯାତ୍ରାର ଆୟୋଜନ କରୁଥିଲେ । ଇ ଯାତ୍ରାରେ ଇଷ୍ଟଦେବୀଙ୍କଠାନେ ନୂଆଁ ଖାଏବାର୍ ଲାଗି ସବୁ ନୂଆ ଜିନିଷ ଦିଆଯାଏସି । ଶାଢ଼ି, ସିନ୍ଦୂର, ଅଲତା ବାଗିର ଶ୍ରୀଙ୍ଗାର ସାମାନ୍ ଆଉ ଭୋଗ ବନାବାର୍ ଲାଗି ଚାଉଲ, ଡାଏଲ, ଅଟା, ଘି ବାଗିର୍ ସାମାନ ସବୁ ଦିଆଯାଏସି । ଆମର୍ ଘରୁ କୋଶଳ ସାଂସ୍କୃତିକ ସଂସଦର ସବୁ ସଭ୍ୟମାନଙ୍କର୍ ସହଯୋଗରେ ଇଟା ପାଳନ ହେସି । ଆମେମାନେ ବେଶ୍ ଖୁସିରେ ଇତାକେ ମନାଇ ଆସୁଛୁ । ■

**ହିମାଂଶୁ ଶେଖର ପାଢ଼ୀ**
ବଲାଙ୍ଗିର







# ମା’ ମଝିଘରିଆଣୀଙ୍କ ଭାର ପ୍ରଥା

**ଶିବ ନାରାୟଣ ଗଉଡ଼, ରାୟଗଡ଼ା**

ଓଡ଼ିଶା ବିଭିନ୍ନ ଧର୍ମ, ସଂସ୍କୃତି, ପରମ୍ପରାରେ ସମୃଦ୍ଧ ଏକ ରାଜ୍ୟ । ଏଠାରେ ଠାକୁର, ଦେବଦେବୀଙ୍କ ଉପରେ ହିନ୍ଦୁ ଧର୍ମାବଲମ୍ବୀମାନଙ୍କ ଅଗାଧ ଭକ୍ତି ଓ ଆସ୍ଥା ରହିଛି । ତେଣୁ ଆମ ସଂସ୍କୃତିରେ ଅନେକ ପୁରୁଣା ପରମ୍ପରା ପ୍ରଚଳିତ ହୋଇଆସିଛି । ସେଥିମଧ୍ୟରୁ ଭାର ପ୍ରଥା ଅନ୍ୟତମ । ଯାହାକି ଆଜି ବି ପ୍ରଚଳିତ ହୋଇଆସୁଛି । ଓଡ଼ିଶାର କେତେକ ମନ୍ଦିରରେ ଅନେକ ଦିନ ହେଲା ଭାର ଦେବାର ପରମ୍ପରା ପ୍ରଚଳିତ ହୋଇଆସୁଛି । ଭକ୍ତମାନେ ନିଜ ମନସ୍କାମନା ପୂରଣ ପାଇଁ ଠାକୁରଙ୍କ ପାଖରେ ପ୍ରାର୍ଥନା କରନ୍ତି । ଯଦି ସେହି କାମ ସଫଳ ହୁଏ, ତେବେ ସେମାନେ ଠାକୁରଙ୍କୁ ଏକ ଉପହାର ଦେଇ କୃତଜ୍ଞତା ଜଣାଇଥାନ୍ତି । ଏହି ଉପହାର ବିଭିନ୍ନ ପ୍ରକାରର ହୋଇପାରେ । କେହି ଟଙ୍କା, ଫଳ, ମିଠା, ଚାଉଳ, ନଡ଼ିଆ, ବସ୍ତ୍ର, ଖାଦ୍ୟ ସାମଗ୍ରୀ, ଅନ୍ନଦାନ ଓ ସେବା ଆକାରରେ ଭାର ପ୍ରଦାନ କରିଥାନ୍ତି ।

## ଭକ୍ତି ଓ ବିଶ୍ୱାସର ପ୍ରତୀକ ‘ଭାର’

ଓଡ଼ିଶାର ଅନେକ ପ୍ରସିଦ୍ଧ ମନ୍ଦିରରେ ଭାର ପ୍ରଥା ଅତ୍ୟନ୍ତ ଲୋକପ୍ରିୟ । ଶ୍ରୀମନ୍ଦିର, ମା’ ମଙ୍ଗଳା, ମା’ ସମଲେଇ, ମା’ ବିରଜା, ମା’ ତାରାତାରିଣୀ, ମା’ ହରଚଣ୍ଡିଙ୍କ ଭଳି ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମାଁ ମଝିଘରିଆଣୀ ମନ୍ଦିରରେ ମଧ୍ୟ ଭକ୍ତମାନେ ନିଜ ସାମର୍ଥ୍ୟ ଅନୁସାରେ ଭାର ଦେଇଥାନ୍ତି । ମନ୍ଦିରରେ ଭାର ପ୍ରଥା କେବଳ ଏକ ଧାର୍ମିକ କାର୍ଯ୍ୟ ନୁହେଁ, ଏହା ଭକ୍ତ ମନର ଭକ୍ତି, ବିଶ୍ୱାସ ଓ ନୈତିକତାର ପ୍ରତୀକ ଅଟେ । ଏହା ଦ୍ୱାରା ଲୋକମାନେ ଠାକୁରଙ୍କ ସହ ନିଜର ଭକ୍ତିଭାବ ବଢ଼ାନ୍ତି । ତାଙ୍କର ଆଶୀର୍ବାଦ ଭିକ୍ଷା କରନ୍ତି । ମନ୍ଦିରକୁ ଅନେକ ଲୋକ ନିଜ ଆସ୍ଥାର କେନ୍ଦ୍ର ବୋଲି ବିଚାର କରନ୍ତି । ମା’ ମଝିଘରିଆଣୀ ମନ୍ଦିର ତାହାର ଏକ ନିଚ୍ଛକ ଉଦାହରଣ । ମଝି ଘରରେ ରହି ପୂଜା ପାଇ ଆସୁଥିବାରୁ ସେ ମା’ ମଝିଘରିଆଣୀ ଭାବେ ପ୍ରସିଦ୍ଧ । ଭକ୍ତମାନଙ୍କ ବିଶ୍ୱାସ ରହିଛି, ମା’ ତାଙ୍କ ସାଥିରେ ତାଙ୍କ ଘର ମଧ୍ୟରେ ରହି ସେମାନଙ୍କୁ ରକ୍ଷା ଓ କୃପା କରିଥାନ୍ତି । ସେ ମାତ୍ର ଏକ ମୁଖ ମଣ୍ଡଳ ସଦୃଶ୍ୟ ମୂର୍ତ୍ତି ନୁହେଁ, ସେ ନିତ୍ୟ ଉପସ୍ଥିତ ଜୀବନ ସହଚାରିଣୀ । ଏହି ମନ୍ଦିରର ସଂସ୍କୃତି ଓ ପରମ୍ପରା ମଧ୍ୟରେ ଏକ ବିଶେଷ ସ୍ଥାନ ଅଧିକାର କରି ରହିଛି ତାହା ହେଉଛି ‘ଭାର ପ୍ରଥା’ ।

## ଆଶୀର୍ବାଦ ଲାଭ ପାଇଁ ଭାର



ପ୍ରତିବର୍ଷ ଚୈତ୍ର ମାସରେ ମା’ ମଝିଘରିଆଣୀଙ୍କ ଚୈତ୍ର ପର୍ବ ଓ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଏହି ସମୟରେ ମା’ଙ୍କ ମନ୍ଦିରକୁ ଭକ୍ତମାନେ ଭାରରେ ଚାଉଳ, ଡାଲି, ପନିପରିବା ଆଦି ରୋଷେଇ ସାମଗ୍ରୀ ପ୍ରଦାନ କରିଥାନ୍ତି । ଭକ୍ତଙ୍କ ଭାରରେ ଆସିଥିବା ସାମଗ୍ରୀକୁ ନେଇ ଖିରି, ଖେଚୁଡ଼ି, କାକରା, କଞ୍ଜି ମଣ୍ଡା, ଗୁଡ଼ ଖିରି, ଲିଆ ଗଜାମୁହାଁ, ନିଡ଼ିଆ, କଦଳୀ ଭୋଗ କରାଯାଇଥାଏ । ସେହିପରି ଭକ୍ତମାନେ ମା’ଙ୍କ ପ୍ରିୟ ଇଟଲା ଫୁଲମାଳ ସମେତ ମନ୍ଦାର ମାଳ, ବେଲପତ୍ର ମାଳ ପ୍ରଦାନ କରିଥାନ୍ତି । ସେଭଳି ମକର ସଂକ୍ରାନ୍ତି ସମୟରେ ମନ୍ଦିର ପ୍ରାଙ୍ଗଣରେ ଥିବା ସତୀକୁଣ୍ଡରେ ପ୍ରାଚୀନ ପରମ୍ପରା ଅନୁଯାୟୀ ରାଣୀ ପିନ୍ଧୁଥିବା ସିନ୍ଦୂର, ଚୁଡ଼ି, ମାଳି, ହଳଦୀ, ଅଳତା ସହ ନୂଆ ଲୁଗା ଆଦି ଭାର ଆକାରରେ ଅଣାଯାଇ ପୂଜାପାଠ ହୋଇଥାଏ ବୋଲି ମନ୍ଦିର ମୁଖ୍ୟ ପୂଜକ ଚନ୍ଦ୍ର ପୂଜାରୀ କହନ୍ତି । ବ୍ରତ, ବିବାହ ସହ ଅନ୍ୟାନ୍ୟ ପୂଜା, ପର୍ବପର୍ବାଣି ନିମନ୍ତେ ପ୍ରଥମେ ମା’ଙ୍କ ମନ୍ଦିରକୁ ଲୋକେ ଭାର ପ୍ରଦାନ କରିଥାନ୍ତି । ଭାରରେ ଆସିଥିବା ସାମଗ୍ରୀଗୁଡ଼ିକକୁ ପୂଜାର୍ଚ୍ଚନା କରାଯାଇ ମା’ଙ୍କୁ ଅର୍ପଣ କରି ଭକ୍ତମାନେ ଆଜ୍ଞାମାଳ ନେଇ ଶୁଭକାର୍ଯ୍ୟ ଆରମ୍ଭ କରିଥାନ୍ତି । ସେହିପରି ମା’ଙ୍କଠାରେ ମାନସିକ କରିଥିବା ଭକ୍ତମାନେ ନିଜର ମାନସିକ ପୂରଣ ହେଲେ ମନ୍ଦିରରେ ମୁଣ୍ଡନ ପାଇଁ ଯେଉଁ ମାନସିକ ରଖିଥାନ୍ତି । ସେହି ସମୟରେ ଭକ୍ତମାନେ ବାରିକଙ୍କୁ ଏକ ଭାର ଓ ମାଁଙ୍କ ନିକଟରେ ଏକ ବଡ଼ ଭାର ପ୍ରଦାନ କରିଥାନ୍ତି । ଯେଉଁଥିରେ ଅନ୍ନ ପ୍ରସାଦର ରୋଷେଇ ସାମଗ୍ରୀ ସହ ଲୁଗାପଟା, ଚୁନରି, ଚୁଡ଼ି, କଜଳ, ସିନ୍ଦୂର, ହଳଦୀ ଆଦି ସହ ଅନ୍ୟାନ୍ୟ ସାମଗ୍ରୀ ରହିଥାଏ । ଯାହାକୁ ମା’ ମଝିଘରିଆଣୀ ଖୁସିରେ ତାହାକୁ ଗ୍ରହଣ କରି ନିଜ ଭକ୍ତଙ୍କ ଉପରେ ଆଶୀର୍ବାଦ କରିଥାନ୍ତି ବୋଲି ବିଶ୍ୱାସ ରହିଛି । ମନ୍ଦିରରେ ଭାର ପ୍ରଥା ବହୁ ପୂର୍ବକାଳରୁ ଚାଲି ଆସୁଛି । ଚୈତ୍ର ପର୍ବ ସମୟରେ ଧାନ, ମାଣ୍ଡିଆ, କାନ୍ଦୁଲ ଭଳି ଏବଂ ଅନ୍ୟାନ୍ୟ ଶସ୍ୟ ବିହନଗୁଡ଼ିକ ମା’ଙ୍କଠାରେ ଭାର ଆକାରରେ ପ୍ରଦାନ କରାଯାଇଥାଏ ।

## ଭାରରେ ୫୭ ପ୍ରକାର ଭୋଗ

ଗତବର୍ଷ ଆଷାଢ଼ ମାସ ଶେଷ ଓ ଶ୍ରାବଣ ମାସ ଆରମ୍ଭ ମଧ୍ୟରେ ରାୟଗଡ଼ାର କିଛି ସଂପ୍ରଦାୟ ପକ୍ଷରୁ ୫୭ ପ୍ରକାର ଭୋଗ ରାଗ ସହ ଫଳମୂଳ, ଶାଢ଼ି, ଚୁଡ଼ି, ମାଳି, ସିନ୍ଦୂର ଆଦି ଭାର ଆକାରରେ ପ୍ରଦାନ କରାଯାଇଥିଲା । ଯାହାକୁ ଯୌତୁକ ପ୍ରଥା ବୋଲି କୁହାଯାଇଥାଏ । ଏହି ଭାର ପ୍ରଦାନ କରାଯିବା ଦ୍ୱାରା ମା’ଙ୍କ ଆଶୀର୍ବାଦରେ ସମସ୍ତ ଫସଲ ଭଲ ଭାବେ ଅମଳ ହେବା ସହ ପରିବାରରେ ସୁଖ, ଶାନ୍ତି ଓ ସମୃଦ୍ଧ ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ରହିଛି । ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା’ ମଝିଘରିଆଣୀ ମନ୍ଦିରକୁ ରାୟଗଡ଼ା ସମେତ ଅବିଭକ୍ତ କୋରାପୁଟ ଜିଲ୍ଲା, ପଡ଼ୋଶୀ ଆନ୍ଧ୍ର, ତେଲେଙ୍ଗାନା, ଛତିଶଗଡ଼, ଝାଡ଼ଖଣ୍ଡ ଭଳି ରାଜ୍ୟ ବାହାରର ଅନେକ ରାଜ୍ୟରୁ ଶ୍ରଦ୍ଧାଳୁ ତଥା ପର୍ଯ୍ୟଟକମାନେ ମା’ଙ୍କ ଦର୍ଶନ ଓ କୃପା ଲାଭ କରିବାକୁ ଛୁଟି ଆସିଥାନ୍ତି । ସାଥିରେ ନିଜ ଶକ୍ତି ଅନୁଯାୟୀ ଭାର ଦେଇ ନିଜ ଭକ୍ତିଭାବ ପ୍ରକଟ କରିଥାନ୍ତି । ■





# ଭାର ପରମ୍ପରା ବନାମ ଆଧୁନିକତା

## "ଓଡ଼ିଆ ପରମ୍ପରାରେ ଭାରର ପ୍ରଚଳନ ବହୁ ପୁରୁଣା"



ଆମ ଓଡ଼ିଆ ଘରରେ ଭାର ପରମ୍ପରା ପ୍ରଚଳନ ବହୁ ପୁରୁଣା । ନିର୍ବନ୍ଧ ଭାରଠାରୁ ଆରମ୍ଭ କରି ବାହାଘର ପର୍ଯ୍ୟନ୍ତ ବିଭିନ୍ନ ପର୍ବପର୍ବାଣିରେ ଝିଅକୁ ଭାର ଦିଆଯାଏ । ସେହିପରି ମା' ହେବାକୁ ଯାଉଥିଲେ ଝିଅ ପାଇଁ ଭାର ଯାଏ । ତାହାକୁ 'ସାଦ ଭାର' କୁହାଯାଏ । କେବଳ ସେତିକି ନୁହେଁ, ମା' ହେବା ପରେ ବି ଝିଅ ପାଇଁ ଭାର ଆସିଥାଏ । ଏହାକୁ 'ପଞ୍ଚୁଆତି ଭାର' କୁହାଯାଏ । ଏମିତି ନାନା ପ୍ରକାର ଭାର ଆମ ଓଡ଼ିଆ ସଂସ୍କୃତିରେ ଅଛି । ପୂର୍ବରୁ ଗାଁରେ ହୁରୁମରେ ତିଆରି ଭାର ଦିଆଯାଉଥିଲା । ବର୍ତ୍ତମାନ ହୁରୁମ ବଦଳରେ ଖଇରେ ତିଆରି ଉଖୁଡ଼ା ଦିଆଯାଉଛି ।

**ରୀତାଞ୍ଜଳି ପରିଜା**
ପୋଲିସ୍ କଲୋନି, ନୟାପଲ୍ଲୀ, ଭୁବନେଶ୍ୱର

## "ସାବିତ୍ରୀ ଭାରକୁ ଝିଅମାନେ ଅପେକ୍ଷା କରିଥାନ୍ତି"



ସାବିତ୍ରୀ ବ୍ରତରେ ଝିଅ ପାଇଁ ବାପ ଘରୁ ଭାର ଆସିଥାଏ । ବାପା, ଭାଇ କି ମାମୁଁ ଭାର ନେଇ ଝିଅ ଘରେ ପହଞ୍ଚିଥାନ୍ତି । ସାବିତ୍ରୀ ଭାରକୁ ଝିଅମାନେ ଉତ୍ସୁକତାର ସହିତ ଅପେକ୍ଷା କରିଥାନ୍ତି । ଏହି ଭାରରେ ନୂଆ ଶାଢ଼ି, ଶଙ୍ଖା, ସିନ୍ଦୂର, ଚୁଡ଼ି, ଫଳମୂଳ ଆଦି ଅନ୍ୟାନ୍ୟ ପୂଜା ସାମଗ୍ରୀ ଆସିଥାଏ । ଝିଅମାନେ ଏହି ସବୁ ଜିନିଷକୁ ନେଇ ସାବିତ୍ରୀ ବ୍ରତ କରନ୍ତି । ତେବେ ବାହାଘର ପ୍ରଥମ ବର୍ଷରେ ଝିଅ ପାଇଁ ଭାରରେ ଅନେକ ଜିନିଷ ଆସେ । ଭାରର ସବୁ ଜିନିଷକୁ ସାହି ପଡ଼ିଶା ମଧ୍ୟରେ ବଣ୍ଟାଯାଏ । ପୂର୍ବରୁ ଭାର ଜିନିଷ ବାଣ୍ଟିବା ଏକପ୍ରକାର ବାଧ୍ୟତାମୂଳକ ଥିବା ବେଳେ ଆଜିକାଲି ସେଭଳି କରାଯାଉ ନାହିଁ ।

**ରେଣୁକା ପ୍ରହରାଜ**
କପିଳ ପ୍ରସାଦ, ପୁରୁଣା ଭୁବନେଶ୍ୱର


## "ଆଜିକାଲି ଭାର ପାଇଁ ଟଙ୍କା ମଧ୍ୟ ଦେଉଛନ୍ତି"



ଓଡ଼ିଆ ଘରେ ପ୍ରତି ମାସରେ ବିଭିନ୍ନ ପର୍ବ ପାଳନ ଅବସରରେ ବିଭିନ୍ନ ପ୍ରଥା ଅନୁସରଣ କରାଯାଏ । ତେବେ ବିଭିନ୍ନ ପୂଜା ପର୍ବରେ ଝିଅମାନଙ୍କୁ ଭାର ଦେବାର ପରମ୍ପରା ରହିଛି । କେବଳ ପୂଜା ପର୍ବରେ ନୁହଁ, ବରଂ ବିବାହ ସମୟରେ ମଧ୍ୟ ଭାର ଦେବାର ଚଳଣି ରହିଛି । ଏହି ପରମ୍ପରା ବହୁ ଦିନରୁ ପ୍ରଚଳିତ ହୋଇ ଆସୁଛି । ବିଭିନ୍ନ ପୂଜା ଅବସରରେ ଭାରରେ ଆମ୍ବ, ପଣସ, ନଡ଼ିଆ, କଦଳୀ, ସପୁରି, କମଳା ଏବଂ ବିଭିନ୍ନ ପ୍ରକାରର ପିଠାମିଠା ଆସେ । ହେଲେ ଆଜିକାଲି ଟଙ୍କା ମଧ୍ୟ ଭାର ପାଇଁ ଦେଇ ଦେଉଛନ୍ତି ।

**ଭାଗ୍ୟଶ୍ରୀ ଦାଶ**, ଭୁବନେଶ୍ୱର

## "ଭାର ବୋହି କାନ୍ଧ ଛିଡ଼ି ଯାଉଥିଲା"



ବିଭିନ୍ନ ପର୍ବପର୍ବାଣିରେ ଭାର ବେଭାର ତଥା ଶୁଭ କାର୍ଯ୍ୟ ପାଇଁ ବାରିକଙ୍କ ଆବଶ୍ୟକତା ପଡ଼ିଥାଏ । ତେଣୁ ବିବାହ, ଚତୁର୍ଥୀ, ରଜ, ଅଷ୍ଟମୀ, କୁମାର ପୂର୍ଣ୍ଣିମା, ଦୂତିବାହନ, ସାଦ ଭାର କାନ୍ଧରେ ବୋହି ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱରର ବିଭିନ୍ନ ଅଞ୍ଚଳକୁ ଯାଇଛି । ପ୍ରାୟ ୪୫ ରୁ ୫୦ କିମି ପର୍ଯ୍ୟନ୍ତ ଚାଲି ଚାଲି ମାଟି ହାଣ୍ଡି ଭାର ବୋହିକି ନେବାକୁ ପଡୁଥିଲା । ବୋହି ବୋହି ଅଣ୍ଟା ଭାଙ୍ଗିଯାଏ । ଭାର ଓଜନ ଅଧିକ ଥିଲେ ଦୁଇ ଜଣ ବାରିକ ଦରକାର ପଡ଼ନ୍ତି । ମୋ ସାଙ୍ଗରେ ଥିବା ବାରିକ ଭାଇର ଭାର ବୋହି କାନ୍ଧ ଛିଡ଼ି ଯାଇଥିଲା ।

**ଜୟୀରାମ ବାରିକ**, ରାଉତପଡ଼ା, ଚାନ୍ଦବାଲି

## "ପୂର୍ବରୁ ଭାର ଶଗଡ଼ ଗାଡ଼ିରେ ଦେଉଥିଲେ"



ଭାର ସହିତ ଜଣେ ବିବାହିତ ଝିଅ ପାଇଁ ତା' ବାପଘରର ସ୍ନେହ ଶ୍ରଦ୍ଧା ରହିଥାଏ । ସେଥିପାଇଁ ବୋଧହୁଏ ସବୁ ପର୍ବପର୍ବାଣିରେ ଝିଅ ପାଖକୁ ଭଲପାଇବାର ପ୍ରତୀକ ସ୍ୱରୂପ ଭାର ଯାଇଥାଏ । ମୋ ବିବାହକୁ ୨୦ ବର୍ଷ ବିତିଯାଇଥିଲେ ବି ମୋ ପାଇଁ ବାପଘରୁ ଭାରବେଭାର ଆସିଥାଏ । ମା' ଅତି ଆଦରରେ ନିଜ ଗେହ୍ଲାଝିଅ ପାଇଁ ପିଠାପଣାଠୁ ଆରମ୍ଭ କରି ଶାଢ଼ି, ଚୁଡ଼ି, ସିନ୍ଦୂର, ଫଳମୂଳ ସହ ମନ ପସନ୍ଦର ଦରବ ସଜାଡ଼ି ପଠାଇ ଦିଅନ୍ତି । ପୂର୍ବରୁ ଭାର ଶଗଡ଼ ଗାଡ଼ିରେ ଦେଉଥିଲେ କିନ୍ତୁ ଏବେ ଗାଡ଼ିମୋଟରରେ ଆସୁଛି ।

**ରଞ୍ଜିତା ସାହୁ**, ନୟାପଲ୍ଲୀ, ଭୁବନେଶ୍ୱର

## "ପରିବାରିକ ସଂପର୍କ ମଧୁର କରିବା ପାଇଁ ଭାର ପ୍ରଥା ପ୍ରଚଳିତ"



ପର୍ବପର୍ବାଣି ହେଉ ଅବା ଶୁଭଦିନ ସବୁଠି ଆଗ ଖୋଜାପଡ଼େ ମିଠା । ବିଶ୍ୱାସ ରହିଛି, କୌଣସି ଶୁଭକାର୍ଯ୍ୟ ପୂର୍ବରୁ ପାଟି ଟିକେ ମିଠା କରିଦେଲେ ସକଳ କାର୍ଯ୍ୟ ଶୁଭ ହୁଏ । ଖୁସିର ମୁହୂର୍ତ୍ତକୁ ଅଧିକ ସ୍ମରଣୀୟ କରାଏ ମିଠା । ତେଣୁ ଦୁଇ ପରିବାର ମଧ୍ୟରେ ନୂଆକରି ଗଢ଼ି ଉଠିଥିବା ସମ୍ପର୍କକୁ ମଧୁର କରିବା ପାଇଁ ଏହି ମିଠା ବା ଭାର ଦେବା ପରମ୍ପରା ପିଢ଼ି ପରେ ପିଢ଼ି ପ୍ରଚଳିତ ହୋଇଆସୁଛି । ଖାଲି ବାହାଘର ନୁହେଁ, ପ୍ରଥମାଷ୍ଟମୀ, ଦ୍ୱିତୀୟାଓଷା, ଗହ୍ମାପୂର୍ଣ୍ଣିମା, କୁମାରପୂର୍ଣ୍ଣିମା, ଦୋଳପୂର୍ଣ୍ଣିମା ଆଦି ବିଭିନ୍ନ ପର୍ବପର୍ବାଣିରେ ମଧ୍ୟ ଭାର ଦିଆଯାଏ ।

**ସାଗରିକା ସାହୁ**, ଯାଜପୁର

## "ମାଟିହାଣ୍ଡିରେ ଦିଆଯାଉଥିଲା ଭାର"



ଆଜିକାଲି ଲୋକମାନେ କାର୍ଟୁନ ପେଟିରେ ଭାର ଦେବା ନେବା କରୁଛନ୍ତି । କିନ୍ତୁ ଆମ ସମୟରେ ମାଟିହାଣ୍ଡି ବେତଚାଙ୍ଗୁଡ଼ିରେ ଭାର ଦିଆଯାଉଥିଲା । ଭାରକୁ ମୁଣ୍ଡେଇ ବାରିକମାନେ ଚାଲିକରି ଆସୁଥିଲେ । ହେଲେ ଏବେ ଯୁଗ ବଦଳିଲାଣି । ସେହି ଅନୁସାରେ ଲୋକେ ଦାଣ୍ଡ ସୁନ୍ଦରକୁ ଦେଖି ଭାର ଦେଉଛନ୍ତି । ଅବଶ୍ୟ ଆଜିକାଲିର ପିଲାଙ୍କ ମନରେ ଭାର ଜିନିଷ ଖାଇବା ପାଇଁ ମଧ୍ୟ ସେତେ ଆଗ୍ରହ ନାହିଁ । ଫଳେ ଅଧେ କିଏ ଖାଆନ୍ତି ନହେଲେ ନାହିଁ ।

**ଆରତି ପାଣିଗ୍ରାହୀ**, ଭଦ୍ରକ



## "ପୁଆଣୀ ଭାର ପରଦିନ ଆସେ ଲେଉଟାଣି ଭାର"

ଓଡ଼ିଆ ବାହାଘରରେ ଭାର ପ୍ରଥା ବହୁ ଦିନରୁ ପ୍ରଚଳିତ ହୋଇଆସୁଛି । ବିବାହ ପୂର୍ବରୁ ଓ ପରବର୍ତ୍ତୀ ସମୟରେ ବିଭିନ୍ନ ଭାର ଦିଆଯାଏ । ଅବଶ୍ୟ ଧୀରେ ଧୀରେ ଭାର ଦେବାନେବାର ପ୍ରଥା କମି ଆସିଲାଣି । ତେବେ ଅଳ୍ପ ବହୁତେ ହେଲେ ମଧ୍ୟ ଲୋକେ ସାମର୍ଥ୍ୟ ଅନୁସାରେ ଭାର ଦେଉଛନ୍ତି । ଯେମିତି ନିର୍ବନ୍ଧ ଭାର, ପୁଆଣୀ ଭାର, ଲେଉଟାଣି ଭାର ଆଦି । ଲେଉଟାଣି ଭାର କହିଲେ ପୁଆଣୀ ଭାରରେ ଝିଅଘରୁ ଯେଉଁ ଭାର ଆଣେ, ସେହି ଭାରରୁ କିଛି ଲିଆ, ଉଖୁଡ଼ା, ମୁଆଁ, ଖଜା, ଗଜା ମିଶାଇ ଗୋଟିଏ କାର୍ଟୁନରେ ଭରି ଏହାକୁ ପୁଆଣୀ ଭାର ପରଦିନ ବାରିକ ହାତରେ ଝିଅ ବାପଘରକୁ ପଠାଯାଏ । ଏହାକୁ ଲେଉଟାଣି ଭାର ବୋଲି କୁହାଯାଏ ।

**ନିର୍ମଳା ତିୱାରୀ**, ପୁରୀ